## ସଂକ୍ଷେପରେ

### ଦିବ୍ୟାଙ୍ଗ ଯୁବତୀଙ୍କୁ ବଳାତ୍କାର, ଅଭିଯୁକ୍ତ ଗିରଫ

ରାୟଗଡ଼ା,୨୪।୭(ଆଶିଷ ରଞ୍ଜନ ପଣ୍ଡା)- ଜଣେ ଦିବ୍ୟାଙ୍ଗ ଯୁବତୀଙ୍କୁ ଦୁଷ୍କର୍ମ ଅଭିଯୋଗରେ ରାୟଗଡ଼ା ପୋଲିସ ଜଣକୁ ଗିରଫ କରି ସୋମବାର କୋର୍ଟ ଚାଲାଣ କରିଛି । ଗିରଫ ଅଭିଯୁକ୍ତ ହେଲେ ଉତ୍ତରପ୍ରଦେଶ ରାଜ୍ୟର ରାମପୁର ଜିଲା ସୁଆର ଥାନା ଅନ୍ତର୍ଗତ ସେମରାଲାପୁର ଗ୍ରାମର ଗୁଲଫାମ ଅଲ୍ଲୀ (୨୭) । ଘଟଣାରୁ ପ୍ରକାଶ ଯେ, ରାୟଗଡ଼ାରେ ଜଳ ଯୋଗାଣ ପାଇଁ ପାଇପ ସଂଯୋଗୀକରଣ କାମ ଚାଲିଛି । ଏହି କାମ ନେଇଥିବା ଏକ ସଂସ୍ଥାରେ ଗୁଲଫାମ କାମ କରନ୍ତି । ସ୍ଥାନୀୟ ପିଏଚଡି ଅଫିସ ନିକଟରେ ଏକ ଘରେ ଗୁଲଫାମ ନିଜ ବନ୍ଧୁମାନଙ୍କ ସହ ରହୁଥିଲେ । ସେହି ସମୟରେ ନିକଟରେ ରହୁଥିବା ଜଣେ ୨୨ ବର୍ଷୀୟା ଦିବ୍ୟାଙ୍ଗ ଯୁବତୀଙ୍କୁ ଦୁଷ୍କର୍ମ କରିଥିଲେ । ଯୁବତୀ ଜଣକ ବାରମ୍ବାର ଅସୁସ୍ଥ ହେବାରୁ ତାଙ୍କ ମା' ଡାକ୍ତରଙ୍କୁ ଦେଖାଇଥିଲେ । ଯୁବତୀ ଜଣକ ୫ ମାସର ଗର୍ଭବତୀ ରହିଥିବା କଥା ଡାକ୍ତର କହିବା ପରେ ଯୁବତୀଙ୍କ ମା' ଝିଅ ସହିତ କଥାବାର୍ତ୍ତା କରିବାରୁ ଘଟଣା ବିଷୟରେ ଜାଣିବାକୁ ପାଇଥିଲେ। ଏ ନେଇ ଯୁବତୀଙ୍କ ମା' ୨୦ତାରିଖରେ ଥାନାରେ ଏତଲା ଦେଇଥିଲେ । ଉକ୍ତ ଏତଲାକୁ ଭିତ୍ତି କରି ପୋଲିସ ତଦନ୍ତ କରି ଗୁଲଫାମକୁ ଖୋଜାଖୋଜି କରିବା ପରେ ସୋମବାର ଗିରଫ କରି କୋର୍ଟଚାଲାଣ କରିଛି । ରାୟଗଡ଼ା ଟାଉନ ଥାନାରେ କେସ ନଂ ୨୧୬/୨୩ରେ ମାମଲା ରୁଜୁ କରି ଘଟଣାର ଅଧିକା ତଦନ୍ତ କରୁଥିବା ପୋଲିସ ସୂତ୍ରରୁ ଜଣାପଡ଼ିଛି ।

### ଚାରାରୋପଣ କାର୍ଯ୍ୟକ୍ରମରେ ଜିଲାପାଳ ସାମିଲ



ଗୁଡ଼ାରି,୨୪।୭ (ପ୍ରମୋଦ କୁମାର ପତି)- ଗୁଡ଼ାରି ବନ ବିଭାଗ ପକ୍ଷରୁ ବ୍ଲକ ଅନ୍ତର୍ଗତ କଦମା ଗ୍ରାମପଞ୍ଚାୟତ କାର୍ଯ୍ୟାଳୟ ପରିସରରେ ସୋମବାର ସାମୂହିକ ଚାରାରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଜିଲାପାଳ ସ୍ୱଧାଦେବ ସିଂ ଯୋଗଦେଇ ଚାରାରୋପଣ କରିବା ସହ ଜଳସେଚନ କରିଥିଲେ। ଗୁଡ଼ାରି ଡେପୁଟି ରେଞ୍ଜର ଗଙ୍ଗାଧର ମିଶ୍ରଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଜିଲାସ୍ତରୀୟ ବିଭିନ୍ନ ବିଭାଗୀୟ ଅଧିକାରୀ, ଗୁଡ଼ାରି ତହସିଲଦାର ଭାରତୀ ଦେବୀ, ବିଡିଓ ଅନିଶା ଦାସ, ଗୁଣପୁର ଉପଜିଲାପାଳ ଲଳିତ କୁମାର କହଁର, କଦମା ସରପଞ୍ଚ ରାମ ମୁତରଙ୍ଗା, ବନ ବିଭାଗ କର୍ମଚାରୀ ଏବଂ ସାଧାରଣ ଜନତା ଉପସ୍ଥିତ ଥିଲେ।

# ମିଳୁନି ଆବଶ୍ୟକ ଔଷଧ, ରୋଗୀ ନିରାଶ

ରାୟଗଡ଼ା, ୨୪।୭ (ଭାଗ୍ୟଶ୍ରୀ ମିଶ୍ର)



କୁମୁଟିପେଣ୍ଠ ସ୍ୱାସ୍ଥ୍ୟ ଓ ଆରୋଗ୍ୟ କେନ୍ଦ୍ର ।

ଗ୍ରାମାଞ୍ଚଳରେ ଉନ୍ନତ ସ୍ୱାସ୍ଥ୍ୟସେବା ଯୋଗାଇ ଦେବା ପାଇଁ ସରକାର ବିଭିନ୍ନ ଯୋଜନା କାର୍ଯ୍ୟକାରୀ କରି କୋଟି କୋଟି ଟଙ୍କା ଖର୍ଚ୍ଚ କରୁଛନ୍ତି। ଗ୍ରାମାଞ୍ଚଳରେ ସ୍ୱାସ୍ଥ୍ୟକେନ୍ଦ୍ର, ଉପସ୍ୱାସ୍ଥ୍ୟକେନ୍ଦ୍ର ଖୋଲାଯାଇ ଲୋକଙ୍କୁ ହାତପାଆନ୍ତାରେ ସ୍ୱାସ୍ଥ୍ୟସେବା ଯୋଗାଇଦେବାକୁ ସ୍ୱାସ୍ଥ୍ୟକେନ୍ଦ୍ର ଓ ଉପସ୍ୱାସ୍ଥ୍ୟକେନ୍ଦ୍ର ମାନ ରହିଛି। ହେଲେ ଗ୍ରାମାଞ୍ଚଳ ଲୋକେ ଉଚିତ ସ୍ୱାସ୍ଥ୍ୟସେବା ପାଇପାରୁ ନ ଥିବା ଅଭିଯୋଗ ହେଉଛି । ରାୟଗଡ଼ା ବ୍ଲକ ଜେକେପୁର କୁମୁଟିପେଣ୍ଠଠାରେ ରହିଛି ସ୍ୱାସ୍ଥ୍ୟ ଓ ଆରୋଗ୍ୟ କେନ୍ଦ୍ର। ହେଲେ ଆରୋଗ୍ୟ କେନ୍ଦ୍ର କେବଳ ନାମକୁ ମାତ୍ର ଥିବାବେଳେ ଏଠାରେ କୌଣସି ସୁବିଧା ଉପଲବ୍ଧ ହେଉ ନ ଥିବା ଅଭିଯୋଗ ହେଉଛି। ଉକ୍ତ ସ୍ୱାସ୍ଥ୍ୟକେନ୍ଦ୍ରରେ ଆବଶ୍ୟକ ଔଷଧ ମିଳୁ ନ ଥିବାରୁ ଦୂରଦୂରାନ୍ତରୁ ରୋଗୀ ଆସି ସ୍ୱାସ୍ଥ୍ୟସେବା କିମ୍ବା ଔଷଧ ନ ପାଇ ନିରାଶ ହୋଇ ଫେରୁଥିବା ଦେଖିବାକୁ ମିଳୁଛି। ସାମାନ୍ୟ ଜ୍ୱର ହେଲେ ରୋଗୀଙ୍କୁ ବାଧ ହୋଇ ୨୦ କି.ମି. ଦୂର ରାୟଗଡ଼ା ଜିଲା ମୁଖ୍ୟ ଚିକିତ୍ସାଳୟ ଯିବାକୁ ପଡୁଛି ।

ସ୍ୱାସ୍ଥ୍ୟସେବା ପାଇଁ କୁମୁଟିପେଣ୍ଠ ଓ ଏହାର ଆଖପାଖ ଅଞ୍ଚଳର ପ୍ରାୟ ୩୦ ହଜାରରୁ ଅଧିକ ଲୋକ ଏହି ସ୍ୱାସ୍ଥ୍ୟ ଓ ଆରୋଗ୍ୟ କେନ୍ଦ୍ର ଉପରେ ନିର୍ଭରଶୀଳ। ହେଲେ ସ୍ୱାସ୍ଥ୍ୟକେନ୍ଦ୍ର ସମ୍ମୁଖରେ ସ୍ୱାସ୍ଥ୍ୟସେବା ବାବଦରେ କୌଣସି ପ୍ରକାର ତଥ୍ୟ ଦିଆଯାଇ ନାହିଁ କି ବିଜ୍ଞାପନ ଲଗାଯାଇ ନ ଥିବାରୁ ସରକାରଙ୍କ ପକ୍ଷରୁ ଖୋଲାଯାଇଥିବା ସ୍ୱାସ୍ଥ୍ୟକେନ୍ଦ୍ର ସମ୍ପର୍କରେ ଲୋକେ ଜାଣିପାରୁନାହାନ୍ତି। ଅନ୍ୟ ରୋଗୀ ଏଠାକୁ ଆସୁଥିଲେ ମଧ୍ୟ ଉଚିତ ଚିକିତ୍ସା ନ ପାଇପାରି ନିରାଶ ହୋଇ ଫେରୁଥିବା କୁମୁଟିପେଣ୍ଠ ଗ୍ରାମବାସୀ ରଞ୍ଜନୀ ବେହେରା କହିଛନ୍ତି। ଉକ୍ତ ସ୍ୱାସ୍ଥ୍ୟକେନ୍ଦ୍ରରେ ଜ୍ୱର, ଝାଡ଼ାବାନ୍ତି, ବିପି ମେଡିସିନ, ଆଣ୍ଟିବାଓଟିକ୍, କଫ ସିରପ, ଆଖିଧରା, ଚର୍ମରୋଗ ପାଇଁ ଔଷଧ ମହଜୁଦ ନାହିଁ। ଫଳରେ ଲୋକେ ବାଧହୋଇ ଘରୋଇ ମେଡିସିନ ଷ୍ଟୋରରୁ ଔଷଧ କିଣି ଖାଉଛନ୍ତି। ଗ୍ରାମାଞ୍ଚଳରେ ଲୋକମାନେ ଆର୍ଥିକ ଭାବେ ଦୁର୍ବଳ ଥିବାର ଉପସ୍ୱାସ୍ଥ୍ୟକେନ୍ଦ୍ର ଖୋଲାଯାଇଛି। ରୋଗୀ ପ୍ରଥମେ ଏଠାରେ ଚିକିତ୍ସିତ ହେବେ ଏବଂ ଗୁରୁତର ହେଲେ ଜିଲା ଚିକିତ୍ସାଳୟକୁ ରେଫର କରାଯିବା ନିୟମ ରହିଛି । ହେଲେ ଏଠାରେ ନାମକୁ ମାତ୍ର ସ୍ୱାସ୍ଥ୍ୟକେନ୍ଦ୍ର ଥିବାବେଳେ କୌଣସି ସୁବିଧା ନାହିଁ। ଡାଇବେଟିସ ଏବଂ ବିପି ପରୀକ୍ଷା କରାଯିବାର ସୁବିଧା ନ ଥିବାରୁ ରୋଗୀ ବାଧ ହୋଇ ରାୟଗଡ଼ା ଜିଲା ମୁଖ୍ୟ ଚିକିତ୍ସାଳୟକୁ ଯାଇ ପରୀକ୍ଷା କରି ଔଷଧ ଆଣୁଥିବା ଜଣେ ରୋଗୀ ଝୁନୁ ଦେଈ କହିଛନ୍ତି । ସେହିପରି ଏବେ ଆଖିଧରା ରୋଗ ବ୍ୟାପୁଥିବାବେଳେ ପ୍ରତିଦିନ ୬୦ରୁ ଊର୍ଦ୍ଧ୍ୱ ରୋଗୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଆସୁଛନ୍ତି। ହେଲେ ଏଠାରେ ଆଖିଧରା ଔଷଧ ନ ଥିବାରୁ ରୋଗୀ ବାଧ ହୋଇ ମେଡିସିନ ଷ୍ଟୋରରୁ ଅଧିକ ଟଙ୍କା ଦେଇ ଆଇ ଡ୍ରପ୍ କିଣି ବ୍ୟବହାର କରୁଥିବା ଅଭିଯୋଗ ହେଉଛି।

### ନାମକୁ ମାତ୍ର ରହିଛି ସ୍ୱାସ୍ଥ୍ୟକେନ୍ଦ୍ର

ରାୟଗଡା ବ୍ଲକ୍ ପବ୍ଲିକ୍ ହେଲ୍ଥ ଅଫିସର ଡ. ପ୍ରଦୀପ୍ତ କୁମାର ସୁବୁଦ୍ଧି କହିଛନ୍ତି, କୁମୁଟିପେଣ୍ଠ ସ୍ୱାସ୍ଥ୍ୟ ଓ ଆରୋଗ୍ୟ କେନ୍ଦ୍ରରେ ମେଡିସିନ ଅଭାବ ଥିବା ଆମ ନଜରକୁ ଆସି ନାହିଁ । ସବୁ ଔଷଧ କିପରି ସ୍ୱାସ୍ଥ୍ୟକେନ୍ଦ୍ରରେ ମହଜୁଦ ରହିବ ସେ ଉପରେ ଧ୍ୟାନଦେବୁ। ତେବେ ଏବେ ପାଣିପାଗ ପରିବର୍ତ୍ତନ ହେଉଥିବାରୁ ଆଖିଧରା ଔଷଧ ବେଶି ଆବଶ୍ୟକ ହେଉଛି, ଯଦି ସରିଯାଇଛି ଆମେ ତୁରନ୍ତ ପଦକ୍ଷେପ ନେବୁ ବୋଲି କହିଛନ୍ତି। କିନ୍ତୁ ନିଜ ନାମ ଗୋପନ ରଖି ସ୍ୱାସ୍ଥ୍ୟ ଆରୋଗ୍ୟ କେନ୍ଦ୍ରର ଜଣେ କର୍ମୀ କହିଛନ୍ତି, ଔଷଧ ଅଭାବ ବିଷୟରେ ବାରମ୍ବାର କୁହାଯାଉଛି, ହେଲେ ଜିଲାରୁ ଔଷଧ ମିଳୁନାହିଁ । ତେଣୁ ଜିଲା ପ୍ରଶାସନ ତୁରନ୍ତ ଏଥିପ୍ରତି ଧ୍ୟାନଦେଇ ଔଷଧ ସହ ଉଚିତ ସେବା ଯୋଗାଇଲେ ଗରିବ ବ୍ୟକ୍ତିମାନେ ଉପକୃତ ହୋଇପାରିବେ ବୋଲି ଅଞ୍ଚଳବାସୀ ଦାବି କରିଛନ୍ତି।

# ମାଓବାଦୀ ନେତା ସବ୍ୟସାଚୀଙ୍କୁ ଜାମିନ



ଗୁଣପୁର ସବ୍‌ଜଜ୍‌ଙ୍କ କୋର୍ଟରେ ଓକିଲଙ୍କ ସହ ସବ୍ୟସାଚୀ ପଣ୍ଡା । (ଫାଇଲ୍ ଫଟୋ)

ଗୁଣପୁର,୨୪।୭ (ପ୍ରଦୀପ କୁମାର ପାଢ଼ୀ)

ମାଓବାଦୀ ନେତା ସବ୍ୟସାଚୀ ପଣ୍ଡାଙ୍କୁ ସୋମବାର ହାଇକୋର୍ଟରୁ ଜାମିନ ମିଳିଛି। ରାୟଗଡା ଜିଲା ଗୁଣପୁର ସବ୍‌ଜଜ୍‌ଙ୍କ କୋର୍ଟରେ ସବ୍ୟସାଚୀଙ୍କ ଓକିଲ ବ୍ରହ୍ମାନନ୍ଦ ପଟ୍ଟନାୟକ ଏ ନେଇ ସୂଚନା ଦେଇଛନ୍ତି। ଗୁଣପୁରଠାରେ ଚାଲିଥିବା ଏହି ମାମଲାରେ ଜାମିନ ନାମଞ୍ଜୁର ହେବା ପରେ ସବ୍ୟସାଚୀ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ସେଠାରେ ତାଙ୍କର ଜାମିନ ମଞ୍ଜୁର ହୋଇଥିବା ସୂଚନା ମିଳିଛି। ତେବେ ତାଙ୍କ ନାମରେ ଗୁଣପୁର ସବ୍‌ଜଜ୍‌ଙ୍କ କୋର୍ଟରେ ୩ଟି ଏବଂ ଅତିରିକ୍ତ ଜିଲା ଜଜ୍ କୋର୍ଟରେ ୪ଟି ମାମଲା ବିଚାରାଧୀନ ଥିବାରୁ ସେ ଜେଲରୁ ବାହାରିପାରିବେ ନାହିଁ ବୋଲି ଜଣାପଡିଛି।

ସୂଚନାଯୋଗ୍ୟ, ରାୟଗଡ଼ା ଜିଲା ରାମନାଗୁଡା ବ୍ଲକ ଅନ୍ତର୍ଗତ ବିରୁବାଇ ଗ୍ରାମରେ ୨୦୦୬ ଜୁଲାଇ ୮ ତାରିଖ ଭୋର ସମୟରେ ପୋଲିସ ଏବଂ ସିଆରପିଏଫ୍ ମିଳିତ ଭାବେ କୋମ୍ବିଂ ଅପରେଶନ କରିଥିଲା। ସେଠାରେ ମାଓବାଦୀ ଏବଂ ପୋଲିସ ମଧ୍ୟରେ ଗୁଳି ବିନିମୟ ହୋଇଥିଲା। ଏହାପରେ ସେଠାରୁ ମାଓବାଦୀମାନେ ଛତ୍ରଭଙ୍ଗ ଦେଇଥିବାବେଳେ ଏହି ଘଟଣାରେ ଜଣେ ବ୍ୟକ୍ତିଙ୍କ ମୃତ୍ୟୁ ହୋଇଥିଲା। ଏହି ଘଟଣାରେ ସବ୍ୟସାଚୀଙ୍କୁ ଅଭିଯୁକ୍ତ କରାଯାଇ ତାଙ୍କ ନାମରେ ଦଫା ୨୫/୨୭ ଆର୍ମସ ଆକ୍ଟରେ ମାମଲା ରୁଜୁ ହୋଇଥିଲା।

# ଅବକାରୀ କନଷ୍ଟେବଲ ଚାକିରିରୁ ବହିଷ୍କୃତ

ରାୟଗଡ଼ା,୨୪।୭ (ଆଶିଷ ରଞ୍ଜନ ପଣ୍ଡା)

### ବେଆଇନ ଗଞ୍ଜେଇ କାରବାର ମାମଲା

ବେଆଇନ ଗଞ୍ଜେଇ କାରବାରରେ ମାର୍ଚ୍ଚ ୧୨ ତାରିଖରେ ସ୍ୱତନ୍ତ୍ର ସ୍କ୍ୱାର୍ଡ଼ ଦ୍ୱାରା ଧରାପଡ଼ିଥିବା ଅବକାରୀ କନଷ୍ଟେବଲ ଦୀପକ ପାଣିଗ୍ରାହୀଙ୍କୁ ଚାକିରିରୁ ବହିଷ୍କୃତ ନେଇ ଓଡ଼ିଶା ଅବକାରୀ କମିଶନର ଚିଠି ଜାରି କରିଛନ୍ତି।

ପ୍ରକାଶ ଥାଉକି, ଅବକାରୀ କନେଷ୍ଟବଳ ଦୀପକ ପାଣିଗ୍ରାହୀ କସ୍ତୁରୀ ନଗର ୫ମ ଲେନ୍ ସ୍ଥିତ ଏକ ଘରେ ବେଆଇନ ଭାବେ ଗଞ୍ଜେଇ ରଖିଥିବା ଖବରପାଇ ମାର୍ଚ୍ଚ ୧୨ ତାରିଖରେ ସ୍ୱତନ୍ତ୍ର ସ୍କ୍ୱାର୍ଡ଼ ଅଚାନକ ଚଢ଼ଉ କରିଥିଲା । ଚଢ଼ାଉ ବେଳେ ସେଠାରୁ ୪୨ କେଜି ୨୫୦ଗ୍ରାମ ଗଞ୍ଜେଇ ଜବତ ହୋଇଥିଲା । ପରେ ଦୀପକଙ୍କୁ ଗିରଫ କରାଯାଇ କୋର୍ଟ ଚାଲାଣ କରାଯିବା ସହ କାର୍ଯ୍ୟରୁ ନିଲମ୍ବିତ କରାଯାଇଥିଲା । ତେବେ ରାୟଗଡ଼ା ପୋଲିସ, ଅବକାରୀ ବିଭାଗର ତଦନ୍ତ ରିପୋର୍ଟ ସମେତ ଜିଲାପାଳଙ୍କ ରିପୋର୍ଟକୁ ଆଧାର କରି ସୋମବାର ଅବକାରୀ କମିଶନର ନରସିଂହ ଭୋଳ ଦୀପକ ପାଣିଗ୍ରାହୀଙ୍କୁ ଚାକିରିରୁ ବହିଷ୍କୃତ କରିଥିବା ଜଣାପଡ଼ିଛି । ଅବକାରୀ କମିଶନର କାର୍ଯ୍ୟାଳୟ ଚିଠି ନଂ ୮୧୭୨ରେ ଦୀପକ ଜଣେ ସରକାରୀ କର୍ମଚାରୀ ହୋଇ ଓଡ଼ିଶା ସରକାରଙ୍କ ନିୟମ ଉଲଘଂନ କରି ଏହିଭଳି ବେଆଇନ କାର୍ଯ୍ୟ କରିଥିବାରୁ ତାଙ୍କୁ ସରକାରୀ ଚାକିରିରୁ ବହିଷ୍କୃତ କରାଯାଇଥିବା ଚିଠିରେ ଉଲ୍ଲେଖ ରହିଛି।

# କୋରାପୁଟ ସଂସଦୀୟ କ୍ଷେତ୍ର ଅକ୍ତିଆର ଲାଗି କଂଗ୍ରେସର ଯୋଜନା

ରାୟଗଡ଼ା,୨୪।୭ (ଆଶିଷ ରଞ୍ଜନ ପଣ୍ଡା)

- ୨୦୨୪ ନିର୍ବାଚନ ରାଜନୀତି କସରତ
- ଗ୍ରାମାଞ୍ଚଳରୁ ସହରାଞ୍ଚଳ ପର୍ଯ୍ୟନ୍ତ ସ୍ଥିତି ସଜାଡ଼ିବାକୁ ଟାର୍ଗେଟ

୨୦୨୪ ନିର୍ବାଚନକୁ ଦୃଷ୍ଟିରେ ରଖି କଂଗ୍ରେସ ଆରମ୍ଭ କରିଛି ରାଜନୀତି କସରତ । ରାଜ୍ୟରେ ୨୦ ବର୍ଷର ପୁରୁଣା ସ୍ଥିତିକୁ ଫେରାଇ ଆଣିବାକୁ ପୁଣି ଥରେ ଆରମ୍ଭ ହୋଇଛି ଅଙ୍କକଷା । ଏଥିପାଇଁ ବିଭିନ୍ନ ନିର୍ବାଚନ ମଣ୍ଡଳୀର ଆଶାୟୀଙ୍କୁ ଡାକି ଭୁବନେଶ୍ୱରଠାରେ ଦଳ ପକ୍ଷରୁ ଦିଆଯାଇଛି ଗୁରୁମନ୍ତ୍ର । ବିଶେଷକରି ୨୦୧୯ ନିର୍ବାଚନରେ କମ୍ ବ୍ୟବଧାନରେ ପରାସ୍ତ ହୋଇଥିବା ନିର୍ବାଚନମଣ୍ଡଳୀକୁ ପୁଣି ଥରେ କବ୍‌ଜା କରିବାକୁ ପ୍ରସ୍ତୁତ କରୁଛି ରାଜନୈତିକ ପଟ୍ଟଚିତ୍ର। ରାୟଗଡ଼ା ଜିଲାର ୩ଟି ନିର୍ବାଚନ ମଣ୍ଡଳୀର ଗତ ଥରର ପ୍ରାର୍ଥୀଙ୍କୁ ଡାକି ପୂର୍ବରୁ ଦଳର ପ୍ରଚାର ଅଧକ୍ଷ ବିଜୟ ପଟ୍ଟନାୟକଙ୍କ ଦ୍ୱାରା ଦିଆଯାଇଥିବା ହୋମ୍‌ୱାର୍କ ପୂରା କରିବାକୁ ଦଳୀୟ ନେତୃତ୍ୱ ନିର୍ଦ୍ଦେଶ ଦେଇଛନ୍ତି। ବର୍ତ୍ତମାନଠାରୁ କସରତ ଆରମ୍ଭ କଲେ ନିର୍ବାଚନ ସମୟରେ ଏହା ଫଳପ୍ରଦ ହେବା ନେଇ ଆଶା ରଖିଛନ୍ତି ଦଳୀୟ ନେତୃବୃନ୍ଦ। ରାଜ୍ୟ ପ୍ରଭାରୀ ୱାଇ.ଚେଲ୍ଲାକୁମାର, ପିସିସି ସଭାପତି ଶରତ ପଟ୍ଟନାୟକ, ପ୍ରଚାର କମିଟି ମୁଖ୍ୟ ବିଜୟ ପଟ୍ଟନାୟକ ପ୍ରମୁଖ ଆଶାୟୀଙ୍କ ସହ ବ୍ୟକ୍ତିଗତ ଭାବେ ଆଲୋଚନା କରିବା ସହିତ ଗୁରୁମନ୍ତ୍ର ଦେଇଥିବା ଜଣାପଡ଼ିଛି। ଏଥିସହିତ ରାୟଗଡ଼ାରୁ ଆପଲସ୍ୱାମୀ କାଡ୍ରାକା, ବିଷମକଟକରୁ ନୀଳମାଧବ ହିକ୍‌କା ଓ ଗୁଣପୁରରୁ ସତ୍ୟଜିତ ଗମାଙ୍ଗଙ୍କୁ ଡାକି ଗୁପ୍ତ ଆଲୋଚନା କରିବା ଆଗାମୀ ନିର୍ବାଚନ ପାଇଁ ସେମାନଙ୍କୁ ଏକ ପ୍ରକାର ଗ୍ରୀନ୍ ସିଗ୍‌ନାଲ ମିଳିଥିବା କର୍ମୀ ମହଲରେ ଚର୍ଚ୍ଚା ଚାଲିଛି । ନୀଳମାଧବ ଓ ଆପଲସ୍ୱାମୀ ୨୦୧୯ରେ ନିର୍ବାଚନ ଲଢ଼ି ଅଳ୍ପ ବ୍ୟବଧାନରେ ପରାଜିତ ହୋଇଥିଲେ । ସତ୍ୟଜିତ ପ୍ରଥମ ଥର ନିର୍ବାଚନ ମଇଦାନକୁ ଓହ୍ଲାଇବା ପାଇଁ ଆଶାବାଦୀ ଅଛନ୍ତି । ଏଥିସହ ୩ ଜଣଙ୍କ ଲୋକପ୍ରିୟତା ଓ ଜନସମ୍ପର୍କ ରହିଥିବାରୁ ସେମାନଙ୍କୁ ଦଳ ସୁଯୋଗ ଦେଉଥିବା ମୁଖ୍ୟ କାରଣ ହୋଇଥାଇପାରେ ବୋଲି କର୍ମୀ ମହଲରେ ଚର୍ଚ୍ଚା ଚାଲିଛି । କେବଳ ଜିଲାର ୩ ନିର୍ବାଚନ ମଣ୍ଡଳୀ ନୁହେଁ ବରଂ କୋରାପୁଟ ଲୋକସଭା କ୍ଷେତ୍ର ମଧ୍ୟ ପୁନଃ କଂଗ୍ରେସ ଦଖଲ କରିବା ଆଶାରେ କାର୍ଯ୍ୟ ଆରମ୍ଭ କରିଛି ଦଳ । ତେଣୁ ଆଶାୟୀଙ୍କୁ ଗ୍ରାମାଞ୍ଚଳ ସ୍ତରରୁ କାର୍ଯ୍ୟ ଆରମ୍ଭ କରିବାକୁ ଦଳ ନିର୍ଦ୍ଦେଶ ଦେଇଥିବା ଜଣାପଡ଼ିଛି।

ପ୍ରକାଶ ଥାଉକି, ଅବିଭକ୍ତ କୋରାପୁଟ ଜିଲା କଂଗ୍ରେସର ଏକ ଅଭେଦ୍ୟ ଗଡ଼ ଭାବେ ପରିଚିତ ଥିଲା । ଅଣକଂଗ୍ରେସ ଦଳ ଏଠି ଲଢ଼ିବା ତ ଦୂରର କଥା ପ୍ରବେଶ କରିବା ମଧ୍ୟ କଷ୍ଟସାଧ୍ୟ ଥିଲା । ଦଳର ପାରମ୍ପରିକ ଭୋଟ ରହିଥିବାରୁ ବିଜେଡି ପରେ ଦ୍ୱିତୀୟ ଦଳ ଭାବେ ରହିଛି କଂଗ୍ରେସ ଦଳ । ତେବେ ପୁଣି ଥରେ ଭୋଟକୁ ସଜାଡ଼ିବା ପାଇଁ ବର୍ତ୍ତମାନଠାରୁ କସରତ ଆରମ୍ଭ କରିଦେଇଛି ଦଳ। ବୁଥସ୍ତରୀୟ କମିଟିଗଠନ ସହ ଅଧିକରୁ ଅଧିକ ସମୟ ନିଜ ନିର୍ବାଚନମଣ୍ଡଳୀର ପ୍ରତ୍ୟେକ ଅଞ୍ଚଳର ସମସ୍ୟା ବୁଝି ଲୋକସମ୍ପର୍କ ବଢ଼ାଇବାକୁ ନିର୍ଦ୍ଦେଶ ରହିଛି । ହେଲେ ଏ ନେଇ ଆଶାୟୀ ପ୍ରାର୍ଥୀମାନଙ୍କୁ ପଚାରିବାରୁ କୌଣସି ମତାମତ ନ ଦେଇ ନୀରବତା ଅବଲମ୍ବନ କରୁଥିବା ଦେଖିବାକୁ ମିଳିଛି। ତେବେ ଏହି ବୈଠକ ନେଇ ଏମ୍‌ପି ସପ୍ତଗିରି ଉଲାକା ମଧ୍ୟ ଅବଗତ ନ ଥିବା ପ୍ରକାଶ କରିଛନ୍ତି। ସେ ସଂସଦ ଅଧିବେଶନ ପାଇଁ ଶନିବାର ଦିଲ୍ଲୀ ଚାଲିଯାଇଥିବା ପ୍ରକାଶ କରିଛନ୍ତି । ଅପରପକ୍ଷେ ପିସିସି ସାଧାରଣ ସମ୍ପାଦକ ଦୁର୍ଗାପ୍ରସାଦ ପଣ୍ଡାଙ୍କୁ ଫୋନରେ ଯୋଗାଯୋଗ କରିବାକୁ ଚେଷ୍ଟା କରିଥିଲେ ହେଁ ସମ୍ପର୍କ ହୋଇପାରି ନ ଥିଲା । ତେବେ ବର୍ତ୍ତମାନ ଦଳରେ ବିଭିନ୍ନ ଅବସରପ୍ରାପ୍ତ ବ୍ୟୁରୋକ୍ରାଟ ଯୋଗଦେଉଥିବା ବେଳେ ଦଳ ନିଶ୍ଚୟ କିଛି ବଡ଼ ଧରଣର ଆଭିମୁଖ୍ୟ ରଖିଛି ତାହା ଆଗକୁ ଜଣାପଡ଼ିବ ବୋଲି ରାଜନୈତିକ ସମୀକ୍ଷକମାନେ ମତ ପ୍ରକାଶ କରିଛନ୍ତି ।

### ବିଦ୍ୟୁତ୍ ସଂସ୍ପର୍ଶରେ ଆସି ଯୁବକ ମୃତ

ରାଇଘର ୨୪।୭(କିରଣ ପଟ୍ଟନାୟକ)

ନବରଙ୍ଗପୁର ଜିଲା ରାଇଘର ବ୍ଲକ ଅଧୀନ ଅଞ୍ଚଳା ଗ୍ରାମର ଗଣେଶ ଗଣ୍ଡ (୩୦) ବିଦ୍ୟୁତ୍ ତାର ସଂସ୍ପର୍ଶରେ ଆସି ପ୍ରାଣ ହରାଇଛନ୍ତି। ରାଇଘର ପୋଲିସ ୪୮/୨୩ରେ ମାମଲା ରୁଜୁ କରି ଘଟଣାର ତଦନ୍ତ କରୁଛି। ପ୍ରକାଶ ଯେ, ଘରେ କରେଣ୍ଟ ନ ଥିବାରୁ ମରାମତି କରିବାକୁ ଗଣେଶ ଖୁଣ୍ଟ ଉପରେ ଚଢ଼ି ଯାଇଥିଲେ। ତାରରେ କରେଣ୍ଟ ଥିବାରୁ ଏହାର ସଂସ୍ପର୍ଶରେ ଆସି ଖୁଣ୍ଟ ଉପରେ ଲାଖି ଯାଇଥିଲେ। ସେଠାରେ ହିଁ ତାଙ୍କର ମୃତ୍ୟୁ ହୋଇଥିଲା।

# ୬୪ ଅଭିଯୋଗ ଶୁଣିଲେ ଜିଲାପାଳ

### ଯୁଗ୍ମ ଅଭିଯୋଗ ଶୁଣାଣି

ଗୁଡ଼ାରି,୨୪।୭ (ପ୍ରମୋଦ କୁମାର ପତି)


ଜିଲାପାଳଙ୍କ ସହ ଅନ୍ୟ ଅଧିକାରୀମାନେ ଅଭିଯୋଗ ଶୁଣାଣି କରୁଛନ୍ତି।

ରାୟଗଡ଼ା ଜିଲା ଗୁଡ଼ାରି ବ୍ଲକ ଅନ୍ତର୍ଗତ କଦମା ଗ୍ରାମପଞ୍ଚାୟତ କାର୍ଯ୍ୟାଳୟରେ ସୋମବାର ଜିଲାପାଳଙ୍କ ଯୁଗ୍ମ ଅଭିଯୋଗ ଶୁଣାଣି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଜିଲାପାଳ ସ୍ୱଧାଦେବ ସିଂଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ଶିବିରରେ ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ବିଷ୍ଣୁପ୍ରସାଦ ପାତ୍ର, ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀ, ଜିଲା ପରିଷଦ ଭାରପ୍ରାପ୍ତ ନିର୍ବାହୀ ଅଧିକାରୀ ତଥା ଉନ୍ନୟନ ଅଧିକାରୀ ଧର୍ମାନନ୍ଦ ବେହେରା, ଗୁଣପୁର ଉପଜିଲାପାଳ ଲଳିତ କୁମାର କହଁର, ଗୁଣପୁର ଆଦିବାସୀ ଉନ୍ନୟନ ସଂସ୍ଥା ପ୍ରକଳ୍ପ ପ୍ରଶାସକ ଶାନ୍ତିପ୍ରଭା ପ୍ରଧାନ ଏବଂ ଅନ୍ୟ ଜିଲାସ୍ତରୀୟ ବିଭାଗୀୟ ଅଧିକାରୀମାନେ ଉପସ୍ଥିତ ରହି ଶୁଣାଣି କରିଥିଲେ। ଏହି କାର୍ଯ୍ୟକ୍ରମରେ ମୋଟ ୬୪ଟି ଅଭିଯୋଗ ପଞ୍ଜୀକୃତ ହୋଇଥିଲା। ସେଥିମଧ୍ୟରୁ ୪୬ଟି ବ୍ୟକ୍ତିଗତ ଏବଂ ୧୮ଟି ସାମୂହିକ ଅଭିଯୋଗ ଥିଲା । ଏହି ପରିପ୍ରେକ୍ଷୀରେ ଜିଲାପାଳ ୬୦ ଜଣଙ୍କୁ ଜଙ୍ଗଲ ଜମି ପଟ୍ଟା ପ୍ରଦାନ କରିବା ସହ ଜଣେ ଦିବ୍ୟାଙ୍ଗଙ୍କୁ ଟ୍ରାଇ ସାଇକେଲ ପ୍ରଦାନ କରିଥିଲେ। ଏହାବ୍ୟତୀତ ମୁଖ୍ୟମନ୍ତ୍ରୀ ରିଲିଫ ପାଣ୍ଠିରୁ ୩ଜଣଙ୍କୁ ୧୦ ହଜାର ଟଙ୍କା ଓ ଜଣଙ୍କୁ ରେଡକ୍ରସ୍ ପାଣ୍ଠିରୁ ୭ ହଜାର ଟଙ୍କାର ଚେକ୍ ମାଧ୍ୟମରେ ଆର୍ଥିକ ସହାୟତା ପ୍ରଦାନ କରିଥିଲେ ।

ଅଭିଯୋଗ ଶୁଣାଣି ଶିବିରରେ ସମସ୍ତ ଜିଲାସ୍ତରୀୟ ଅଧିକାରୀଙ୍କ ସମେତ ଗୁଡ଼ାରି ଗୋଷ୍ଠୀ ଉନ୍ନୟନ ଅଧିକାରୀ ଅନିଶା ଦାସ, ତହସିଲଦାର ଭାରତୀ ଦେବୀ, ଏନ୍‌ଏସି କାର୍ଯ୍ୟ ନିର୍ବାହୀ ଅଧିକାରୀ ମୁରଲୀ କୃଷ୍ଣ ପଣ୍ଡା, ସରପଞ୍ଚ କଦମା ରାମ ମୁତରଙ୍ଗା ପ୍ରମୁଖ ଉପସ୍ଥିତ ଥିଲେ । ବିଶେଷକରି ରାସ୍ତା, ପାନୀୟ ଜଳ, ବିଦ୍ୟୁତ୍‌କରଣ, ଘରବାରି ପଟ୍ଟା ପ୍ରଦାନ, କଲ୍ୟାଣ ମଣ୍ଡପ ନିର୍ମାଣ ଆଦି ନିମନ୍ତେ ଅଭିଯୋଗ ପଞ୍ଜୀକୃତ ହୋଇଥିଲା। ଅଭିଯୋଗ ଶୁଣିବା ପରେ ବିଭାଗୀୟ ଅଧିକାରୀମାନଙ୍କୁ ତୁରନ୍ତ ସମାଧାନ କରିବା ପାଇଁ ଜିଲାପାଳ ନିର୍ଦ୍ଦେଶ ଦେଇଥିଲେ । ଗୁଡ଼ାରି ପୋଲିସ ଥାନା ଅଧିକାରୀଙ୍କ ତତ୍ତ୍ୱାବଧାନରେ ଶାନ୍ତିଶୃଙ୍ଖଳା ରକ୍ଷା କରାଯାଇଥିଲା। ଏହି କାର୍ଯ୍ୟକ୍ରମକୁ କଦମା ଗ୍ରାମପଞ୍ଚାୟତ ନିର୍ବାହୀ ଅଧିକାରୀ ଭୀମସେନ ଲିମା, ଗ୍ରାମ ରୋଜଗାର ସେବକ ଗଙ୍ଗା ସୁରେଶ କୁମାର, ଯୋଗାଣ ସହାୟକ ସନ୍ତୋଷ କିମାକା ପରିଚାଳନା କରିଥିଲେ ।

# ଗୁଣପୁର-ବିଶାଖାପାଟଣା ଏକ୍ସପ୍ରେସ୍‌ରେ ଲାଗିଲା ସ୍ଲିପର, ଏସି କୋଚ୍

ଗୁଣପୁର,୨୪।୭(ପ୍ରଦୀପ କୁମାର ପାଢ଼ୀ)

ଗୁଣପୁର-ବିଶାଖାପାଟଣା ଏକ୍ସପ୍ରେସ୍ ଟ୍ରେନରେ ସୋମବାରଠାରୁ ପରୀକ୍ଷାମୂଳକ ଭାବେ ସ୍ଲିପର ଏବଂ ଏସି ଦୁଇଟି କୋଚ ଲାଗିଛି। ଏହି ଟ୍ରେନ୍‌ରେ ୨୪ ତାରିଖଠାରୁ ଏସି ଏବଂ ସ୍ଲିପର କୋଚ ଲାଗିବା ନେଇ ଗତ ୨୦ ତାରିଖରେ ପୂର୍ବତଟ ରେଳପଥ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇଥିଲା। ଆସନ୍ତା ଅଗଷ୍ଟ ୩୧ ତାରିଖ ପର୍ଯ୍ୟନ୍ତ ବିଶାଖାପାଟଣା-ଗୁଣପୁର ଟ୍ରେନ୍‌ରେ ସ୍ଲିପର ଏବଂ ଏସି କୋଚ ପରୀକ୍ଷାମୂଳକ ଭାବେ ଲାଗିବ ବୋଲି ବିଜ୍ଞପ୍ତି ରହିଛି। ଏହି ଟ୍ରେନରେ ରୋଗୀ, ଛାତ୍ରୀଛାତ୍ର ପାଠ ପଢ଼ିବା ଏବଂ ଭିଆଇପି ଯାତ୍ରୀମାନେ ଯାତାୟାତ କରୁଛନ୍ତି। ଏହାକୁ ଦୃଷ୍ଟିରେ ରଖି ସ୍ଲିପର ଏବଂ ଏସି କୋଚ ଲଗାଯିବାକୁ ଆନ୍ଧ୍ର-ଓଡ଼ିଶା ରେଳ ବ୍ୟବହାରିକ ସଂଘର ଆବାହକ ଡ.ସତ୍ୟ ପ୍ରକାଶ ପଣ୍ଡାଙ୍କ ସମେତ ନବନିର୍ମାଣ ସମିତିର ଅକ୍ଷୟ ଦାସ ଏବଂ ଗଜପତି ଜିଲାର ବିଭିନ୍ନ ସଂଗଠନ ପକ୍ଷରୁ ବିଭିନ୍ନ ସମୟରେ ଦାବି ହୋଇଆସୁଥିଲା। ଟ୍ରେନ୍‌ରେ ଏସି ଏବଂ ସ୍ଲିପର କୋଚ ଲାଗିଥିବାରୁ ଜନସାଧାରଣଙ୍କ ପକ୍ଷରୁ ରେଳ ବିଭାଗକୁ କୃତଜ୍ଞତା ପ୍ରଦାନ କରାଯାଇଛି।

# ଗୁଣପୁର-ପୁରୀ ଟ୍ରେନ୍‌କୁ ଗଜପତି ଏକ୍ସପ୍ରେସ୍ ନାମରେ ନାମିତ ଦାବି

ଗୁଣପୁର,୨୪।୭ (ପ୍ରଦୀପ କୁମାର ପାଢ଼ୀ)

### ବିଶାଖାପାଟଣା-ଗୁଣପୁର ଟ୍ରେନ୍‌କୁ ବଂଶଧାରା ଏକ୍ସପ୍ରେସ୍ କରାଯାଉ

ପୁରୀ-ଗୁଣପୁର ଟ୍ରେନ୍‌କୁ ଗଜପତି ଏକ୍ସପ୍ରେସ୍ ନାମରେ ନାମିତ କରିବାକୁ ଦାବି ହୋଇଛି। ଏଥିସହ ବିଶାଖାପାଟଣା-ଗୁଣପୁର ଟ୍ରେନକୁ ବଂଶଧାରା ଏକ୍ସପ୍ରେସ୍ ନାମରେ ନାମିତ କରିବାକୁ ମଧ୍ୟ ଦାବି କରାଯାଇଛି। ଏହି ଦୁଇଟି ଟ୍ରେନକୁ ଗଜପତି ଏବଂ ବଂଶଧାରା ଏକ୍ସପ୍ରେସ୍ ନାମରେ ନାମିତ କରିବାକୁ ଆନ୍ଧ୍ର-ଓଡ଼ିଶା ରେଳ ବ୍ୟବହାରିକ ସଂଘର ସଭାପତି ଡ.ସତ୍ୟପ୍ରକାଶ ପଣ୍ଡା ବିଶାଖାପାଟଣା ଡିଭିଜନର ଡିଆର୍‌ଏମ୍ ସୌରଭ ପ୍ରସାଦଙ୍କୁ ସୋମବାର ଚିଠିକରି ଦାବି ଜଣାଇଛନ୍ତି। ଗୁଣପୁର ନୌପଡ଼ା ମଧ୍ୟରେ ରେଳପଥ ନିର୍ମାଣ ପାଇଁ ଓଡ଼ିଶାର ପ୍ରଥମ ତଥା ଶେଷ ପ୍ରଧାନମନ୍ତ୍ରୀ ପାରଳାଖେମୁଣ୍ଡିର କୃଷ୍ଣଚନ୍ଦ୍ର ଗଜପତିଙ୍କ ଅବଦାନ ଅତୁଳନୀୟ। ତାଙ୍କ ଉଦ୍ୟମ ଏବଂ ଅର୍ଥରେ ନୌପଡା ଏବଂ ଗୁଣପୁର ମଧ୍ୟରେ ନ୍ୟାରୋଗେଜ ରେଳପଥ ନିର୍ମାଣ ହୋଇଥିଲା। ତେଣୁ ତାଙ୍କ ସ୍ମୃତି ଉଦ୍ଦେଶ୍ୟରେ ଗୁଣପୁର-ପୁରୀ ଟ୍ରେନ୍‌ର ନାମକରଣ ଗଜପତି ଏକ୍ସପ୍ରେସ୍ ରଖାଯାଉ ବୋଲି ଦାବି କରିଛନ୍ତି। ସେହିପରି ଗୁଣପୁର ବିଶାଖାପାଟଣା ଟ୍ରେନର ନାମକରଣ ମଧ୍ୟ ବଂଶଧାରା ଏକ୍ସପ୍ରେସ୍ କରାଯାଉ ବୋଲି ଦାବି କରାଯାଇଛି। ଏହି ଟ୍ରେନ ବଂଶଧାରା ନଦୀ ଅବବାହିକା ଦେଇ ଯାତାୟାତ କରୁଛି। ଗୁଣପୁରଠାରୁ ଆନ୍ଧ୍ରର ଶ୍ରୀକାକୁଲମ ଯାତ୍ରା ସମୟରେ ୬୦ ଭାଗ ବଂଶଧାରା ନଦୀ ପ୍ରବାହିତ ହେଉଛି। ଏହି ନଦୀ ଓଡ଼ିଶା ଏବଂ ଆନ୍ଧ୍ରର ଲାଇଫ ଲାଇନ । ଏହି ସମସ୍ତ ଦୃଷ୍ଟିରୁ ଗୁଣପୁର ବିଶାଖାପାଟଣା ଟ୍ରେନ୍‌କୁ ବଂଶଧାରା ଏକ୍ସପ୍ରେସ୍ ନାମରେ ନାମକରଣ କରାଯିବାକୁ ଦାବି କରାଯାଇଛି । ଦକ୍ଷିଣ ଓଡ଼ିଶା ଏବଂ ଉପକୂଳ ଆନ୍ଧ୍ରର ଲୋକମାନଙ୍କ ଏହି ଦାବି ପୁରାତନ ଏବଂ ଲୋକପ୍ରିୟ ଦାବି ରେଳ ବିଭାଗରେ ଉପସ୍ଥାପନା କରିବାକୁ ଡ.ପଣ୍ଡା ପତ୍ର ମାଧ୍ୟମରେ ଡିଆରଏମଙ୍କୁ ଅନୁରୋଧ କରିଛନ୍ତି।

# କମିଶନ ମାଗିବାରୁ ଯୁବକଙ୍କୁ ଧରି ପୋଲିସ ଜିମା ଦେଲେ

ରାୟଗଡ଼ା,୨୪।୭(ଆଶିଷ ରଞ୍ଜନ ପଣ୍ଡା)


୬୦ ହଜାର ଟଙ୍କା କମିଶନ ମାଗିଥିବା ଯୁବକଙ୍କୁ କାବୁ କରାଯାଇଛି ।

- ଜିଲାରେ ଶ୍ରମିକ ଦଲାଲ ସକ୍ରିୟ
- ୨ ଲକ୍ଷ ବୀମା ରାଶିରେ ୬୦ ହଜାର ଟଙ୍କା କମିଶନ ମାଗୁଥିଲେ

ରାୟଗଡ଼ା ଜିଲାରେ ଶ୍ରମିକ ଦଲାଲ ଗୋଷ୍ଠୀ ସକ୍ରିୟ ହୋଇଥିବାବେଳେ ନିରୀହ ଆଦିବାସୀ ସେମାନଙ୍କ ଚକ୍ରାନ୍ତର ଶିକାର ହେଉଛନ୍ତି। ଜଣେ ମହିଳା ତାଙ୍କ ସ୍ୱାମୀଙ୍କ ମୃତ୍ୟୁରେ ପାଇଥିବା ବୀମା ଟଙ୍କାରୁ ଜଣେ ଶ୍ରମିକ ଦଲାଲ ୬୦ ହଜାର ଟଙ୍କା କମିଶନ ମାଗି ରାୟଗଡ଼ାର ଏକ ବ୍ୟାଙ୍କ ନିକଟରେ ଲୋକଙ୍କ ହାବୁଡ଼ରେ ପଡ଼ିବା ଘଟଣା ଚର୍ଚ୍ଚାର ବିଷୟ ପାଲଟିଛି।

ଘଟଣାରୁ ପ୍ରକାଶ ଯେ, ରାୟଗଡ଼ା ବ୍ଲକ ପିପଲଗୁଡ଼ା ପଞ୍ଚାୟତ ଅନ୍ତର୍ଗତ ଜାଙ୍ଗିଲି ଗ୍ରାମର ମାୟା ମାଣ୍ଡାଙ୍ଗି ଜାନୁୟାରୀ ୩୦ରେ ମୃତ୍ୟୁବରଣ କରିଥିଲେ । ଶ୍ରମ ଯୋଜନା ଅନ୍ତର୍ଗତ ବୀମା ରାଶି ପାଇବା ପାଇଁ ସ୍ତ୍ରୀ ଗ୍ରିଣ୍ଡି ମାଣ୍ଡାଙ୍ଗି ଶ୍ରମ ବିଭାଗରେ ଆବେଦନ କରିଥିଲେ । ଏହି ବୀମା ରାଶି ବାବଦରେ ଗତ ୧୯ ତାରିଖରେ ତାଙ୍କ ଆକାଉଣ୍ଟକୁ ୨ ଲକ୍ଷ ୫ ହଜାର ଟଙ୍କା ଆସିଥିଲା। ଏହାପରେ ଆଲୁବାଡ଼ି ପଞ୍ଚାୟତର ପାଲେରପାଡୁ ଗ୍ରାମର ଧନଞ୍ଜୟ କଣ୍ଡାବଂଶ ନାମକ ଜଣେ ଯୁବକ ଗ୍ରିଣ୍ଡିଙ୍କୁ ଧରି ରାୟଗଡ଼ାସ୍ଥିତ ବ୍ୟାଙ୍କକୁ ଆସିଥିଲେ । ସେଠାରେ ସେ ଗ୍ରିଣ୍ଡିଙ୍କ ଆକାଉଣ୍ଟରୁ ୨ ଲକ୍ଷ ଟଙ୍କା ଉଠାଇଥିଲେ। ବ୍ୟାଙ୍କ ଭିତରେ ସେ ଗ୍ରିଣ୍ଡିଙ୍କଠାରୁ ୬୦ ହଜାର ଟଙ୍କା ନେବାରୁ ସେଠାରେ ପୂର୍ବରୁ ଉପସ୍ଥିତ ଥିବା ଗ୍ରିଣ୍ଡିଙ୍କ ସମ୍ପର୍କୀୟ ଓ ଗ୍ରାମବାସୀ ଧନଞ୍ଜୟକୁ କାବୁ କରିଥିଲେ। ଜଣେ ଗରିବ ବିଧବା ମହିଳାଙ୍କୁ କାହିଁକି ହଇରାଣ କରୁଛ ବୋଲି ଉପସ୍ଥିତ ଜନତା ପଚାରିବାରୁ ଉତ୍ତେଜନାମୂଳକ ପରିସ୍ଥିତି ସୃଷ୍ଟି ହୋଇଥିଲା। ଫଳରେ ସାମାଜିକ କର୍ମୀ ବଳରାମ ପଣ୍ଡା ଘଟଣାରେ ହସ୍ତକ୍ଷେପ ପରି ପୋଲିସର ସହାୟତା ନେବା ପାଇଁ କହିବାରୁ ଫୋନ କରି ପୋଲିସର ସହାୟତା ମାଗିଥିଲେ ଗ୍ରିଣ୍ଡି ଓ ତାଙ୍କ ସମ୍ପର୍କୀୟ। ପୋଲିସ ଘଟଣାସ୍ଥଳରେ ପହଞ୍ଚି ଧନଞ୍ଜୟକୁ ରାୟଗଡ଼ା ଟାଉନ ଥାନାକୁ ନେଇଯାଇଥିଲେ। ସେଠାରେ ଗ୍ରିଣ୍ଡି ଓ ତାଙ୍କ ଭାଇ ବୁଲୁ ତାଡ଼ିଙ୍ଗି ଲିଖିତ ଅଭିଯୋଗ କରିଥିଲେ । ପୋଲିସ ଘଟଣାର ତଦନ୍ତ ପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ପୋଲିସ କହିଛି।

ଗ୍ରିଣ୍ଡି କହିଛନ୍ତି, ବୀମା ରାଶିରୁ ୬୦ହଜାର ଟଙ୍କା ଶ୍ରମ ବିଭାଗର ଅଧିକାରୀଙ୍କୁ ଦେବାକୁ ପଡ଼ିବ ବୋଲି କହି ତାଙ୍କୁ ମାଗିଥିଲେ । ଯଦି ସେ ନ ଦିଅନ୍ତି ତେବେ ତାଙ୍କର ସେହି ବୀମା ରାଶି ଶ୍ରମ ବିଭାଗ ଫେରାଇ ନେଇଯିବ ବୋଲି ଗ୍ରିଣ୍ଡିଙ୍କୁ କହିଥିଲେ । ଅପରପକ୍ଷେ ଏ ନେଇ ଜିଲା ଶ୍ରମ ଅଧିକାରୀ ଯସ୍ମିନ ସାହୁଙ୍କୁ ପଚାରିବାରୁ, ଆମ କାର୍ଯ୍ୟାଳୟର କୌଣସି ଅଧିକାରୀ ଓ କର୍ମଚାରୀ ଏଭଳି ଦୁର୍ନୀତିରେ ସମ୍ପୃକ୍ତ ନାହାନ୍ତି। ଏହା ସମ୍ପୂର୍ଣ୍ଣ ମିଥ୍ୟା ବୋଲି କହିଛନ୍ତି। ଏହିଭଳି ଦଲାଲର ଶିକାର ନ ହେବା ପାଇଁ ସମୟ ସମୟରେ ବ୍ଲକସ୍ତରରେ ଏବଂ ଗ୍ରାମାଞ୍ଚଳରେ ସଚେତନତା କରାଯାଉଛି ବୋଲି ସେ କହିଛନ୍ତି। ଯାହାର କିଛି ମଧ୍ୟ ଅସୁବିଧା ହେଉଛି ସେମାନେ ଆସି ଜିଲା ଶ୍ରମ କାର୍ଯ୍ୟାଳୟରେ ଅଭିଯୋଗ କରିପାରିବେ । ଏଥିସହ ରାଜ୍ୟ ଶ୍ରମ ବିଭାଗ ତରଫରୁ ରହିଥିବା ସମସ୍ତ ଯୋଜନା ପାଇଁ ହିତାଧିକାରୀ କୁଆଡ଼େ ନ ଯାଇ କାର୍ଯ୍ୟାଳୟକୁ ଆସି ସୁବିଧାରେ କାମ କରିପାରିବେ ବୋଲି କହିଛନ୍ତି ଶ୍ରମ ଅଧିକାରୀ ସାହୁ। ଏହାସହ ଲୋକେ ନିଜେ ସଜାଗ ଓ ଶିକ୍ଷିତ ହେଲେ ଏଭଳି ସମସ୍ୟା ଉପୁଜିବ ନାହିଁ ବୋଲି ଯସ୍ମିନ ସାହୁ କହିଛନ୍ତି। ତେବେ ସମସ୍ତ ଟଙ୍କା ନେଣଦେଣ ପ୍ରକ୍ରିୟା ଅନ୍‌ଲାଇନ ଏବଂ ସିଧାସଳଖ ବ୍ୟାଙ୍କ ଆକାଉଣ୍ଟକୁ ଯିବାର ବ୍ୟବସ୍ଥା ରହିଥିଲେ ମଧ୍ୟ ଆଜି ବି ଶ୍ରମ କାର୍ଯ୍ୟାଳୟର ବିଭିନ୍ନ କାମରେ ସହଯୋଗ କରିବାକୁ କହି ଦଲାଲମାନେ ନିରୀହ ଗରିବଙ୍କୁ ଲୁଟି ନେଉଛନ୍ତି । ତେଣୁ ଶ୍ରମ ବିଭାଗ ଓ ଜିଲା ପ୍ରଶାସନ ଏଥିପ୍ରତି ଦୃଷ୍ଟିଦେବା ଆବଶ୍ୟକ ବୋଲି ସାଧାରଣରେ ଦାବି ହୋଇଛି । ଏହି ଘଟଣାକୁ ନେଇ ସାମାଜିକ କର୍ମୀ ବଳରାମ ପଣ୍ଡା କହିଛନ୍ତି, ଏଭଳି ନିରୀହ ଆଦିବାସୀଙ୍କ ପାଇଁ ରାଜ୍ୟ ସରକାର ବିଭିନ୍ନ ଯୋଜନା କରୁଥିଲେ ମଧ୍ୟ ବିଭାଗୀୟ କର୍ମଚାରୀଙ୍କ ଆନ୍ତରିକତା ଅଭାବ ଯୋଗୁ ସେମାନେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏଥିପାଇଁ ଶ୍ରମ ବିଭାଗ ଗ୍ରାମାଞ୍ଚଳସ୍ତରରେ ଜନସଚେତନତା କରିବା ଆବଶ୍ୟକ ବୋଲି ବଳରାମ କହିଛନ୍ତି ।

## ଚୋରି ମାମଲାରେ ପୁଣି ଜଣେ ଗିରଫ

ଜୟପୁର,(ପବନ ପାଣିଗ୍ରାହୀ)- ଚୋରି ମାମଲାରେ ଜଡିତ ଜଣେ ଅଭିଯୁକ୍ତଙ୍କୁ ଜୟପୁର ଟାଉନଥାନା ପୋଲିସ ଗିରଫ କରିଛି। ସେ ହେଲେ ଢେପଗୁଡାର ସୁରି ଏଲିୟସ ସୁରେନ୍ଦ୍ର ହରିଜନ (୪୦)। ଏହି ମାମଲାରେ ଗତ ୨୨ ତାରିଖରେ ଢେପଗୁଡାର ଧାରଜ ଗରଡା (୨୩)ଙ୍କୁ ଗିରଫ କରି କୋର୍ଟ ଚାଲାଣ କରାଯାଇଥିଲା। ଜୟପୁରର ଗାନ୍ଧୀଛକଠାରେ ଥିବା ଏକ ଗ୍ୟାରେଜରୁ ନିକଟରେ ଚୋରି ହୋଇଥିଲା। ଏନେଇ ଗ୍ୟାରେଜ ମାଲିକ ଏ. ଲୋକେଶ ଟାଉନ ଥାନାରେ ଅଭିଯୋଗ କରିଥିଲେ। ଏହାକୁ ଆଧାର କରି ପୋଲିସ ମାମଲା ରୁଜୁ କରି ତଦନ୍ତ ଚଳାଇଥିଲା। ତଦନ୍ତରୁ ଢେପଗୁଡାର ଧାରଜ ଓ ସୁରେନ୍ଦ୍ରଙ୍କ ସମ୍ପୃକ୍ତି ଥିବା ଜାଣି ପ୍ରଥମେ ଧାରଜଙ୍କୁ ଗିରଫ କରିଥିଲା। ସୋମବାର ସୁରେନ୍ଦ୍ରଙ୍କୁ ଗିରଫ କରାଯାଇଛି। ତାଙ୍କଠାରୁ ଚୋରି ସାମଗ୍ରୀ ଜବତ ହୋଇଛି।

**ସଂକ୍ଷେପରେ**

## ଆଳୁଚାଷୀଙ୍କ ସହ ଆଲୋଚନା କଲେ ଅତିରିକ୍ତ ନିର୍ଦ୍ଦେଶକ

### ଦଶମନ୍ତପୁରରେ ରାଜ୍ୟ ଉଦ୍ୟାନ ବିଭାଗ ଅତିରିକ୍ତ ନିର୍ଦ୍ଦେଶକ



କୋରାପୁଟ,୨୪ା୭(ଅମିତାଭ ବେହେରା)- ରାଜ୍ୟ ଉଦ୍ୟାନ ବିଭାଗର ଅତିରିକ୍ତ ନିର୍ଦ୍ଦେଶକ ସୁକାନ୍ତ ସୁବୁଦ୍ଧି ସୋମବାର କୋରାପୁଟ ଗସ୍ତରେ ଆସି ଦଶମନ୍ତପୁର ବ୍ଲକର ବିଭିନ୍ନ ଗ୍ରାମ ପରିଦର୍ଶନ କରି ସେଠାରେ ହୋଇଥିବା ଆଳୁ ଚାଷ ଉପରେ ଅନୁଧ୍ୟାନ କରି ଚାଷୀମାନଙ୍କ ସହ ଆଲୋଚନା କରିଛନ୍ତି। ସେ ବ୍ଲକର ପୋଡାଗଡ ପଞ୍ଚାୟତର ପୁରିମୁଣ୍ଡା ଗ୍ରାମ ପରିଦର୍ଶନ କରି ସେଠାର କଣ୍ଡାଉଁଶୁଣୀ ସ୍ୱୟଂ ସହାୟକ ଗୋଷ୍ଠୀ ଦ୍ୱାରା କରାଯାଇଥିବା ଆଳୁ ଚାଷ କ୍ଷେତ ବୁଲି ଦେଖିଥିଲେ। ଏହି ଅବସରରେ ଅତିରିକ୍ତ ନିର୍ଦ୍ଦେଶକ ସୁବୁଦ୍ଧି ସେଠାରେ କିଛି ଜମିରେ ଆଳୁ ବିହନ ଲଗାଇଥିଲେ। ସେହିପରି ସେ ମାଳିତୋଳା ଗ୍ରାମରେ ଦାଦିବୁଢା ସ୍ୱୟଂ ସହାୟିକା ମହିଳା ଗୋଷ୍ଠୀ ଦ୍ୱାରା କରାଯାଇଥିବା ଆଳୁ ଚାଷ ଦେଖିବା ସହ ଚାଷୀଙ୍କ ସହ ଆଲୋଚନା କରଥିଲେ। ଜିଲା ଉଦ୍ୟାନ ବିଭାଗର ଅତିରିକ୍ତ ଉପନିର୍ଦ୍ଦେଶକ ପୂର୍ଣ୍ଣଜ୍ୟୋତି ପାଣିଗ୍ରାହୀ ,ସହକାରୀ ଉଦ୍ୟାନ ଅଧିକାରୀ ଏବଂ ଦଶମନ୍ତପୁର ସିୱାଇଏସ୍‌ଡିର ଏପିସି ଆନନ୍ଦ ମଲ୍ଲିକଙ୍କ ସହ ବିଭାଗୀୟ କର୍ମଚାରୀମାନେ ଉପସ୍ଥିତ ଥିଲେ।

## ଫେରାର ଅଭିଯୁକ୍ତ ଗିରଫ

ଜୟପୁର, ୨୪ା୭ (ପବନ ପାଣିଗ୍ରାହୀ)- ଜଣେ ଫେରାର ଅଭିଯୁକ୍ତଙ୍କୁ ଜୟପୁର ସଦର ପୋଲିସ ଗିରଫ କରି ସୋମବାର କୋର୍ଟଚାଲାଣ କରିଛି। ସେ ହେଲେ କଳାଗୁଡାର ରାଜ କୁମାର କୁଳଦୀପ। ରାଜଙ୍କ ନାମରେ ୫୦୬/୩୪୧ ଆଇପିସିରେ ଦୀର୍ଘଦିନ ଧରି ଆପରାଧିକ ମାମଲା ରହିଥିଲା। ଘଟଣା ପରଠାରୁ ସେ ଫେରାର ଥିଲେ। ସେ କଳାଗୁଡାରେ ଥିବା ସୂଚନା ପାଇ ଚଢାଉ କରି ପୋଲିସ ତାଙ୍କୁ ଗିରଫ କରିଥିଲା।

## ପଞ୍ଚାୟତସ୍ତରୀୟ ଅଭିଯୋଗ ଶୁଣାଣି

ଜୟପୁର, ୨୪ା୭ (ପବନ ପାଣିଗ୍ରାହୀ)- ଜୟପୁର ବ୍ଲକ ଅନ୍ତର୍ଗତ ଫାମ୍ପୁଣିଠାରେ ସୋମବାର ପଞ୍ଚାୟତସ୍ତରୀୟ ଅଭିଯୋଗ ଓ ଜନଶୁଣାଣି ଶୁଣାଣି ଶିବିର ଅନୁଷ୍ଠିତ ହୋଇଛି। ବିଡିଓ ରାଜୀବ ଦାସ,ଏବିଡିଓ ମନୋଜ ନାୟକ, ବ୍ଲକ ସମାଜିକ ସୁରକ୍ଷା ଅଧିକାରୀ କେ.ଏସ. ନିଶା, ଏପିଓ ମାନସ ରଞ୍ଜନ କର, ସରପଞ୍ଚ, ସମିତି ସଭ୍ୟା, କନିଷ୍ଠଯନ୍ତ୍ରୀ , ପିଇଓ, ଜିଆର୍‌ଏସ୍, ସ୍ୱାସ୍ଥ୍ୟ ବିଭାଗ, ଆଇସିଡିଏସ୍ ହର୍ଟିକଲଚର, କୃଷି ବିଭାଗ,ଯୋଗାଣ ସହାୟକଙ୍କ ସହ ଅନ୍ୟ ଅଧିକାରୀମାନେ ଉପସ୍ଥିତ ରହି ଆସିଥିବା ଅଭିଯୋଗଗୁଡିକର ଶୁଣାଣି କରିଥିଲେ। ଏହି ସମୟରେ ପଞ୍ଚାୟତର ବିଭିନ୍ନ ଗ୍ରାମର ଗ୍ରାମବାସୀ ଉପସ୍ଥିତ ଥିଲେ। ଗ୍ରାମବାସୀ ବିଭାଗୀୟ ଅଧିକାରୀମାନଙ୍କୁ ସେମାନଙ୍କ ସମସ୍ୟା ନେଇ ଅଭିଯୋଗ କରିଥିଲେ। ନୂତନ ରାସ୍ତା, ରାସ୍ତା ମରାମତି, ପାନୀୟ ଜଳ ସମସ୍ୟା ସମାଧାନ ନେଇ ଆସିଥିବା ଅଭିଯୋଗଗୁଡିକର ଶୁଣାଣି କରାଯାଇଥିଲା। ଗତ ଶିବିରରେ ହୋଇଥିବା ଅଭିଯୋଗଗୁଡିକର କେତେ ସମାଧାନ ହୋଇଛି ସେ ନେଇ ଉପସ୍ଥିତ ଅଧିକାରୀମାନେ ସୂଚନା ଦେଇଥିଲେ। ବିଭିନ୍ନ ସରକାରୀ ଯୋଜନାର ଲାଭ କିପରି ପାଇବେ, ମୋ ଘର ଯୋଜନାରେ କିପରି ସାମିଲ ହୋଇ ପାରିବେ, ବିଭିନ୍ନ ଭତ୍ତା ପାଇଁ କିପରି ଆବେଦନ କରିବେ ଏବଂ ଏଥିପାଇଁ କ'ଣ ସବୁ କାଗଜପତ୍ର ଦରକାର ସେ ସମ୍ପର୍କରେ ଶିବିରରେ ଲୋକଙ୍କୁ ଅବଗତ କରାଯାଇଥିଲା।

# ଟାଟା ପାୱାର ନିର୍ବାହୀଯନ୍ତ୍ରୀଙ୍କ କାର୍ଯ୍ୟାଳୟ ଘେରିଲେ ଠିକା କର୍ମଚାରୀ

ଜୟପୁର, ୨୪ା୭ (ପବନ ପାଣିଗ୍ରାହୀ)



ନିର୍ବାହୀଯନ୍ତ୍ରୀଙ୍କ କାର୍ଯ୍ୟାଳୟ ଘେରାଉ କରିଥିବା ଠିକା କର୍ମଚାରୀମାନେ।

ଟାଟା ପାୱାର ଜୟପୁର ଡିଭିଜନ ଅଧୀନରେ କାର୍ଯ୍ୟରତ ଠିକା କର୍ମଚାରୀମାନେ ସୋମବାର ନିର୍ବାହୀଯନ୍ତ୍ରୀଙ୍କ କାର୍ଯ୍ୟାଳୟ ଘେରାଉ କରିଛନ୍ତି । ବାରମ୍ବାର ଦାବି କଲେ ମଧ୍ୟ ଠିକା ନେଇଥିବା ଠିକା ସଂସ୍ଥା ସେମାନଙ୍କ ସମସ୍ୟା ସମାଧାନ କରୁ ନ ଥିବାରୁ ଏହାର ପ୍ରତିବାଦରେ ଠିକା କର୍ମଚାରୀମାନେ ଏହି ଘେରାଉ କରିଥିଲେ। ପ୍ରଥମେ ସେମାନେ ସରକାରୀ ଉଚ୍ଚ ବିଦ୍ୟାଳୟ ସମ୍ମୁଖରେ ଥିବା ଠିକା ସଂସ୍ଥାର କାର୍ଯ୍ୟାଳୟକୁ କର୍ମଚାରୀମାନେ ଘେରାଉ କରିଥିଲେ। ସେଠାରେ କିଛି ସମାଧାନ ନ ହେବାରୁ ଟାଟା ପାୱାରର ନିର୍ବାହୀଯନ୍ତ୍ରୀଙ୍କ କାର୍ଯ୍ୟାଳୟକୁ ଘେରାଉ କରିଥିଲେ। ଠିକା କର୍ମଚାରୀଙ୍କ ପ୍ରତ୍ୟେହ ୮ ଘଣ୍ଟା ଡ୍ୟୁଟି ଚାର୍ଟ କରିବା, ଦରମା ମାସର ପ୍ରଥମ ସପ୍ତାହରେ ଦେବା, ବକେୟା ଫୁଡିଂ ବିଲ ପ୍ରଦାନ କରିବା, ଓଭର ଟାଇମ ଡ୍ୟୁଟି ଆଲାଉନ୍ସ ପ୍ରଦାନ କରିବା, କାର୍ଯ୍ୟରତ ଠିକା କର୍ମଚାରୀଙ୍କୁ କାର୍ଯ୍ୟରୁ ବହିଷ୍କାର ନ କରିବା, ବର୍ଷା ଦିନ ପାଇଁ ରେନି କୋଟ୍ ପ୍ରଦାନ କରିବା, ଫ୍ୟୁଏଲ ବିଲ୍ ଦେବା ଆଦି ଦାବି ନେଇ ଠିକା କର୍ମଚାରୀମାନେ ଏହି ଘେରାଉ କରିଥିଲେ। ବିଭାଗୀୟ ଅଧିକାରୀ ଆଗମୀ ଏକ ସପ୍ତାହ ମଧ୍ୟରେ ସମସ୍ୟାର ସମାଧାନ କରିବାକୁ ପ୍ରତିଶ୍ରୁତି ଦେବା ପରେ ଆନ୍ଦୋଳନ ପ୍ରତ୍ୟାହୃତ ହୋଇଥିଲା। ଏହି ସମୟରେ ଓଡ଼ିଶା ବିଦ୍ୟୁତ୍ କର୍ମଚାରୀ ମହାସଂଘର କର୍ମକର୍ତ୍ତା ଶେଖ ଆକବର, ଯୁଗଳ ନାହାକ,ଭବାନୀ ମହାନ୍ତି, ଟ. ଶ୍ରୀନୁ ପ୍ରମୁଖ ଉପସ୍ଥିତ ଥିଲେ। ସୂଚନାଯୋଗ୍ୟ, ଏହି ଘେରାଉ କାର୍ଯ୍ୟକ୍ରମରେ ଜୟପୁର ଡିଭିଜନର ୯ଟି ସେକ୍ସନର ୨୫୦ରୁ ଊର୍ଦ୍ଧ୍ୱ ଠିକା କର୍ମଚାରୀ ସାମିଲ ହୋଇଥିଲେ। ସେମାନଙ୍କ ମଧ୍ୟରେ ଜୟପୁର, ବୋରିଗୁମ୍ମା, ବୈପାରିଗୁଡା ଓ ରଣ୍ଡାପାଲି ଡିଭିଜନର କର୍ମଚାରୀ ଥିଲେ।

# ନନ୍ଦପୁର ପଞ୍ଚାୟତରେ ଜନ ଅଭିଯୋଗ ଶିବିର

ନନ୍ଦପୁର, ୨୪ା୭ ଶଙ୍କର ପୂଜାରୀ)

କୋରାପୁଟ ଜିଲା ନନ୍ଦପୁର ବ୍ଲକ ପ୍ରଶାସନ ପକ୍ଷରୁ ସୋମବାର ବ୍ଲକ ସଦର ମହକୁମା ନନ୍ଦପୁର ପଞ୍ଚାୟତରେ ଜନ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଛି। ବିଡିଓ ସୁଜିତ ମିଶ୍ରଙ୍କ ଅଧ୍ୟକ୍ଷତାରେ ହୋଇଥିବା ଏହି ଶିବିରରେ ତହସିଲଦାର ନରସିଂହ ଗାଦବା, ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀ ଦୁବରାଜ ମୁର୍ମୁ, ବ୍ଲକ ସହକାରୀ ନିର୍ବାହୀଯନ୍ତ୍ରୀ ଯସକେତନ ବେହେରା, ବିଧାୟକ ପ୍ରତିନିଧି ଗୋପାଳ କୃଷ୍ଣ ବେବର୍ତ୍ତା, ସରପଞ୍ଚ ସାଜେନ୍ତୀ କିର୍ସାନି, ସମିତିସଭ୍ୟା ବିନୋଦିନୀ ସମାର୍ଡି, ଜିପିଇଓ ବେଦାନ୍ତ ମାଝୀ, ଯନ୍ତ୍ରୀ ଉମାକାନ୍ତ ମହାନ୍ତି, ପିଇଓ କମଳ ସ୍ମିଥ ପ୍ରମୁଖଙ୍କ ସମେତ ସମସ୍ତ ୱାର୍ଡ ମେମ୍ବର ଉପସ୍ଥିତ ଥିଲେ। ବ୍ଲକ ସଦର ମହକୁମାର ପରିମଳ ବ୍ୟବସ୍ଥା, ନୂତନ ଆହାର କେନ୍ଦ୍ର, ନୂତନ ଷ୍ଟେଟ ବ୍ୟାଙ୍କ, ସାପ୍ତାହିକ ହାଟ ଓ ବଜାର ପରିସରରୁ ଜବରଦଖଲମୁକ୍ତ କରିବା ନେଇ ଆଲୋଚନା ହୋଇଥିଲା। ଏଥିସହ ପଞ୍ଚାୟତର ସ୍ଥାୟୀ ସମ୍ପତି ୫ଜଳାଶୟର ପୁନରୁଦ୍ଧାର ନିମନ୍ତେ ଜମି ଚିହ୍ନଟ, କୁମ୍ଭାର ସାହି, ହରିଜନ ସାହି ଓ ନନ୍ଦପୁର-୧ ଅଙ୍ଗନୱାଡ଼ି କେନ୍ଦ୍ର ଗୃହର ନିର୍ମାଣ, ଆମ ଓଡ଼ିଶା ନବୀନ ଓଡ଼ିଶା ଯୋଜନାରେ ହେବାକୁ ଥିବା ସମସ୍ତ ପ୍ରକଳ୍ପ, ରାସ୍ତାଘାଟରେ ଗୋରୁଙ୍କ ଅବାଧ ଚଳପ୍ରଚଳ ରୋକିବା, ବିଦ୍ୟାଳୟଗୁଡ଼ିକର ଉନ୍ନତି ନିମନ୍ତେ ମଧ୍ୟ ଆଲୋଚନା କରାଯାଇଥିଲା। ସ୍ଥାନୀୟ ବାସିନ୍ଦାଙ୍କ ୫ଟି ଅଭିଯୋଗ ପଞ୍ଜୀକୃତ ହୋଇଥିଲା। ଏହାକୁ ଜିଲାପାଳଙ୍କ ଦୃଷ୍ଟି ଆକର୍ଷଣ କରାଯାଇ ସମାଧାନ କରାଯିବ ବୋଲି ବିଡିଓ ମିଶ୍ର କହିଥିଲେ। ଅନ୍ୟମାନଙ୍କ ମଧ୍ୟରେ ପଞ୍ଚାୟତର ସମସ୍ତ ଆଶାକର୍ମୀ, ଅଙ୍ଗନୱାଡ଼ି କର୍ମୀ, ମିଶନ ଶକ୍ତିର ସଦସ୍ୟାମାନେ ଉପସ୍ଥିତ ଥିଲେ।



ଅଭିଯୋଗ ଶୁଣାଣିରେ ଅଧିକାରୀମାନେ ଅଭିଯୋଗ ଶୁଣୁଛନ୍ତି ।

# ରାଷ୍ଟ୍ରପତିଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ଦେଲା ଜିଲା ଆଦିବାସୀ ସଂଘ




ଦାବିପତ୍ର ଦେବାକୁ ଆସିଥିବା ଆଦିବାସୀ ସଂଘର ନେତା ଓ କର୍ମକର୍ତ୍ତାମାନେ।

କୋରାପୁଟ,୨୪ା୭(ଅମିତାଭ ବେହେରା)

**ମଣିପୁରରେ କୁକି ଆଦିବାସୀ ମହିଳାଙ୍କୁ ନ୍ୟାୟ ଦାବି**

ମଣିପୁରର କୁକି ଆଦିବାସୀ ମହିଳାଙ୍କୁ ଉଚିତ ନ୍ୟାୟ ଦେବାକୁ ଦାବି କରି ସୋମବାର କୋରାପୁଟ ଜିଲା ଆଦିବାସୀ ସଂଘ ରାଷ୍ଟ୍ରପତିଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ଜିଲା ପ୍ରଶାସନକୁ ପ୍ରଦାନ କରିଛି। ସଂଘ ସଭାପତି ଶିବ ମୁଦୁଲିଙ୍କ ନେତୃତ୍ୱରେ ଜିଲା କୁଇ ସମାଜ ସମ୍ପାଦକ ବିଙ୍ଗେୟା ସାଉନ୍ତା, ଜିଲା ଆଦିବାସୀ ସଂଘ ଉପଦେଷ୍ଟା ଦାମୋଦର ଜାନି, ଜିଲା ସରପଞ୍ଚ ମହାସଂଘ ସଭାପତି ଲବ ମୁଦୁଲି, ବୈପାରିଗୁଡା ସରପଞ୍ଚ ସ୍ୱରାଜମଣି ନାୟକ, ମାଥାଲପୁଟ ସରପଞ୍ଚ ରଞ୍ଜିତା ଗୁରୁମାଇ, ଜିଲା ପରଜା ସମାଜର ସନା ଜାନି, ପିଲିବା ଶିରିକା, ଆତ୍ର ଜାନି, ଦିନା ହିକକା, ଅର୍ଜୁନ ଗାଦବାଙ୍କ ସମେତ ବହୁ ଆଦିବାସୀ ନେତା ଜିଲାପାଳଙ୍କୁ କାର୍ଯ୍ୟାଳୟରେ ପହଞ୍ଚି ଜିଲାପାଳଙ୍କ ଅନୁପସ୍ଥିତିରେ ଅତିରିକ୍ତ ଜିଲାପାଳ ରାଜେନ୍ଦ୍ର ମାଝିଙ୍କୁ ଦାବିପତ୍ର ପ୍ରଦାନ କରିଥିଲେ । ମଣିପୁରର କୁକି ଆଦିବାସୀ ମହିଳାଙ୍କ ସହ ଘୃଣ୍ୟ ଓ ଜଘନ୍ୟ ଅପରାଧ ଘଟାଇଥିବା ସମସ୍ତ ଅପରାଧିଙ୍କୁ ତୁରନ୍ତ ଚିହ୍ନଟ କରି ସେମାନଙ୍କୁ ମୃତ୍ୟୁଦଣ୍ଡରେ ଦଣ୍ଡିତ କରିବାକୁ ରାଷ୍ଟ୍ରପତିଙ୍କ ଉଦ୍ଦେଶ୍ୟରେ ପ୍ରଦତ୍ତ ଏହି ଦାବିପତ୍ରରେ ଉଲ୍ଲେଖ ରହିଛି।

## କାଗଜକଳ ପୂର୍ଣ୍ଣ କାର୍ଯ୍ୟକ୍ଷମ କରିବାକୁ ସିପିଆଇର ଦାବି

ଜୟପୁର,୨୪ା୭ (ପବନ ପାଣିଗ୍ରାହୀ)

ଜୟପୁରସ୍ଥିତ ଶ୍ରମିକ କର୍ମଚାରୀ ଭବନଠାରେ ସିପିଆଇ ପକ୍ଷରୁ ଅନୁଷ୍ଠିତ ଏକ ବୈଠକରେ ଜୟପୁର ସେବା କାଗଜକଳକୁ ସମ୍ପୂର୍ଣ୍ଣ କାର୍ଯ୍ୟକ୍ଷମ କରିବାକୁ ଦାବି କରାଯାଇଛି। ଗତ ୧୪ରୁ କଞ୍ଚାମାଲ କେମିକାଲ ଓ କୋଇଲା ଅଭାବ ଦର୍ଶାଇ ଏହାକୁ ବନ୍ଦ ରଖାଯାଇଥିବା ସିପିଆଇ ଅଭିଯୋଗ କରିଛି। ଅନ୍ୟପକ୍ଷରେ ମୃତ ଶ୍ରମିକଙ୍କ ପରିବାରକୁ ଗ୍ରାଚ୍ୟୁଇଟି ବାବଦ ପ୍ରାପ୍ୟ କମ୍ପାନୀ ଧାର୍ଯ୍ୟ ସମୟ ମଧ୍ୟରେ ନ ଦେଇ ଶ୍ରମ କାର୍ଯ୍ୟାଳୟ ଚାପରେ ଶେଷରେ ମାତ୍ର ଏକ ଚତୁର୍ଥାଂଶ ଟଙ୍କା ଦେଇଛି। ଏବାବଦ ପ୍ରାପ୍ୟ ସମ୍ପୂର୍ଣ୍ଣ ଦେବାକୁ ସିପିଆଇ ଦାବି କରିଛି। ୨୦୧୮ରୁ ଅବସର ନେଇଥିବା ଶ୍ରମିକମାନଙ୍କୁ ସେମାନଙ୍କ ଗ୍ରାଚ୍ୟୁଇଟି ଦେବାକୁ ଦାବି ହୋଇ ଆସୁଥିଲେ ମଧ୍ୟ ଏହାକୁ ମ୍ୟାନେଜମେଣ୍ଟ ଅଣଦେଖା କରିଆସୁଛି। ଏବେ କାରଖାନାକୁ ଅନ୍ୟ କୌଣସି କମ୍ପାନୀକୁ ବିକ୍ରି କରିବା ଦେବାକୁ ମସୁଧା ଚାଲିଛି ବୋଲି ଅଭିଯୋଗ କରି ତୁରନ୍ତ ରାଜ୍ୟ ସରକାର ଏଥିରେ ହସ୍ତକ୍ଷେପ କରି କାରଖାନାକୁ ପୂର୍ଣ୍ଣ କାର୍ଯ୍ୟକ୍ଷମ କରିବାକୁ ସିପିଆଇ ରାଜ୍ୟ କାର୍ଯ୍ୟକାରୀ କମିଟି ସଭ୍ୟ ପ୍ରମୋଦ ମହାନ୍ତି, କୋରାପୁଟ ଜିଲା ସମ୍ପାଦକ ଯୁଧିଷ୍ଠିର ରାଉଳ ଦାବି କରିଛନ୍ତି। ଏହି ଅବସରରେ ଗ୍ରାଚ୍ୟୁଇଟି ମାମଲାର ଫଇସଲା କରି ଅବସରପ୍ରାପ୍ତ କର୍ମଚାରୀଙ୍କୁ ସେମାନଙ୍କ ପ୍ରାପ୍ୟ ଦେବାରେ ଆଇନଗତ ପଦକ୍ଷେପ ନେଇଥିବାରୁ ଜିଲା ଶ୍ରମ ଅଧିକାରୀ ପ୍ରସନ୍ନ ପାଣିଗ୍ରାହୀଙ୍କୁ ସିପିଆଇ ବୈଠକରେ କୃତଜ୍ଞତା ଜ୍ଞାପନ କରିଛି। ସୂଚନାଯୋଗ୍ୟ, କାଗଜକଳ ମ୍ୟାନେଜମେଣ୍ଟ ଗତ ୨୦ା୭ା୨୩ରେ ସୁଧ ସହ ପି. କମେଶ୍ୱର ରାଓଙ୍କ ଗ୍ରାଚ୍ୟୁଇଟି ବାବଦ ସମସ୍ତ ପ୍ରାପ୍ୟ ତାଙ୍କ ବ୍ୟାଙ୍କ ଆକାଉଣ୍ଟରେ ପୈଠ କରିଛି।

## ଭରା ନଦୀରେ ପଶି ମୃତଦେହ ସତ୍କାର କରିବାକୁ ନେଲେ ଗ୍ରାମବାସୀ



ନଦୀ ଭିତରେ ପଶି ଗ୍ରାମବାସୀ ମୃତଦେହ ସତ୍କାର କରିବାକୁ ଶ୍ମଶାନକୁ ନେଉଛନ୍ତି।

କୋରାପୁଟ,୨୪ା୭(ଅମିତାଭ ବେହେରା)

କୋରାପୁଟ ଜିଲା ଲକ୍ଷ୍ମୀପୁର ବ୍ଲକ୍ ଭିତରଗଡ ପଞ୍ଚାୟତର ଚାରାଡା ଗ୍ରାମରେ ଏକ ଅଭାବନୀୟ ଘଟଣା ଘଟିଛି। ମୃତଦେହ ଧରି ନଦୀପାର ହେବା ପରି ଦୃଶ୍ୟ ଦେଖିବାକୁ ମିଳିଛି। ଏହା ସାଧାରଣରେ ଆଲୋଡ଼ନ ଖେଳାଇ ଦେଇଛି।

ଖବରରୁ ଜଣାପଡିଛି, ରବିବାର ଚାରଡା ଗ୍ରାମର ଜଣେ ବ୍ୟକ୍ତିଙ୍କ ମୃତ୍ୟୁ ହୋଇଥିଲା। ମୃତ୍ୟୁ ପରେ ତାଙ୍କ ଅନ୍ତିମ ସଂସ୍କାର ପାଇଁ ଅପରାହ୍ନରେ ନଦୀ ଆରପଟେ ଥିବା ଶ୍ମଶାନକୁ ଗ୍ରାମବାସୀ ନେବାକୁ ବାହାରିଥିଲେ। ଏହି ସମୟରେ ପ୍ରବଳ ବର୍ଷା ହେଉଥିବାରୁ କିଛି ଉପାୟ ନ ପାଇ ଗ୍ରାମବାସୀ ଭରା ନଦୀରେ ନିଜ ଜୀବନକୁ ବାଜି ଲଗାଇ ମୃତଦେହକୁ ନେଇଥିଲେ। ନଦୀ ପାର ପାଇଁ ଗ୍ରାମବାସୀ ପରସ୍ପର ମଧ୍ୟରେ ହାତ ଧରାଧରି ହୋଇ ମୃତଦେହକୁ ଧରି ଅତି ବିପଦସଙ୍କୁଳ ଭାବେ ନଦୀ ପାର ହେଉଥିବା ଦେଖିବାକୁ ମିଳିଥିଲା। ଏହି ନଦୀରେ ସବୁଦିନେ ଅଳ୍ପ ବହୁତ ପାଣି ଥାଏ । ମାତ୍ର ବର୍ଷା ଦିନେ ପାହାଡରୁ ଅଧିକ ବର୍ଷା ଜଳ ବୋହିଆସି ନଦୀରେ ମିଶିଥାଏ। ଫଳରେ ନଦୀ ଅଧିକ ଫୁଲି ଉଠେ। ଏହି ସମୟରେ ଚାରଡା ଗ୍ରାମବାସୀଙ୍କୁ ଯାତାୟାତ ଲାଗି ବହୁ ଅସୁବିଧାର ସମ୍ମୁଖୀନ ହେବାକୁ ହୁଏ । ୩ଶହରୁ ଊର୍ଦ୍ଧ୍ୱ ପରିବାର ବସବାସ କରୁଥିବା ଏହି ଗ୍ରାମର ଗ୍ରାମବାସୀଙ୍କ ପାଇଁ ପ୍ରଶାସନ ପକ୍ଷରୁ ଏଠାରେ ଏକ ପୋଲ ନିର୍ମାଣ କରିବାକୁ ଦାବି ହେଉଛି।

# ସିୱାଇଏ, ବଦଲିଗୁଡା ବିଜୟୀ



ଅତିଥିଙ୍କ ସହ ଖେଳାଳିମାନେ ।

କୋରାପୁଟ,୨୪ା୭(ଅମିତାଭ ବେହେରା)

**କେଡିଏଫଏ କପ ଫୁଟବଲ ଟୁର୍ନାମେଣ୍ଟ**

କୋରାପୁଟ ଜିଲା ଫୁଟବଲ ଆସୋସିଏଶନ ପକ୍ଷରୁ ସ୍ଥାନୀୟ ଓଏସ୍‌ଏପି ତୃତୀୟ ବାଟାଲିୟନର ପଡିଆରେ ଚାଲିଥିବା ଜିଲାସ୍ତରୀୟ କେଡିଏଫ୍‌ଏ କପ୍ ଫୁଟବଲ ଟୁର୍ନାମେଣ୍ଟର ସୋମବାର ଦୁଇଟି ମ୍ୟାଚ ହୋଇଥିଲା। ଏଥିରେ ସିୱାଇଏ କୋରାପୁଟ ଓ ବଦଲିଗୁଡା ଟିମ୍ ବିଜୟୀ ହୋଇଛନ୍ତି। ଅବସରପ୍ରାପ୍ତ ପୋଲିସ ଅଧିକାରୀ ଜେ. କାମେଶ୍ୱର ରାଓ ମୁଖ୍ୟଅତିଥି ଭାବେ ଯୋଗଦେଇ ଟୁର୍ନାମେଣ୍ଟର ଶୁଭାରମ୍ଭ କରିଥିଲେ। ଆୟୋଜିତ ପ୍ରଥମ ମ୍ୟାଚ ସିୱାଇଏ କୋରାପୁଟ ଏବଂ ନାରାଙ୍ଗା ଟିମ୍ ମଧ୍ୟରେ ହୋଇଥିଲା। ସିୱାଇଏ ଟିମ୍ ନାରଙ୍ଗାକୁ ଗୋଟିଏ ଗୋଲ ଦେଇ ବିଜୟୀ ହୋଇଥିଲା। ସେହିପରି ଦ୍ୱିତୀୟ ମ୍ୟାଚରେ କୋରାପୁଟର ବଦଳିଗୁଡା ଓ କମାରଗୁଡା ମଧ୍ୟରେ ହୋଇଥିଲଶ। ଏଥିରେ ବଦଳିଗୁଡା ୨-୧ ଗୋଲ ବ୍ୟବଧାନରେ କମାରଗୁଡାକୁ ପରାସ୍ତ କରି ବିଜୟୀ ହୋଇଥିବା ଜଣାଯାଇଛି । ଜେ. କ୍ରିଷ୍ଣା ରାଓ ଟୁର୍ନାମେଣ୍ଟ ପରିଚାଳନା କରିଥିଲେ।

# ରାଷ୍ଟ୍ରୀୟ ବନସ୍ପତି ଅନୁସନ୍ଧାନ ସଂସ୍ଥାନ ପକ୍ଷରୁ ଚାରା ବଣ୍ଟନ

ଜୟପୁର,୨୪ା୭ (ପବନ ପାଣିଗ୍ରାହୀ)– ରାଷ୍ଟ୍ରୀୟ ବନସ୍ପତି ଅନୁସନ୍ଧାନ ସଂସ୍ଥାନ ଲକ୍ଷ୍ନୌ ପକ୍ଷରୁ ପୁଷ୍ପ କୃଷି ମିଶାନ ଜରିଆରେ ବୈପାରିଗୁଡ଼ା ବ୍ଲକର କୋଲାର ଓ ରାମଗିରି ପଞ୍ଚାୟତର ଗେଲାଗୁଡାଠାରେ ଉନ୍ନତ କିସମର ମଲ୍ଲି ଫୁଲ ଓ ରଜନୀଗନ୍ଧା ଚାରା ମହିଳା ସ୍ୱଂୟ ସହାୟକ ଗୋଷ୍ଠୀଗୁଡିକୁ ପ୍ରଦାନ କରାଯାଇଛି । ଏହି କାର୍ଯ୍ୟକ୍ରମରେ ସଂସ୍ଥାନର ପ୍ରଧାନ ବୈଜ୍ଞାନିକ ଡକ୍ଟର ଚନ୍ଦ୍ର ଶେଖର ମହାନ୍ତି ଉପସ୍ଥିତ ରହି ଫୁଲଚାଷ ଦ୍ୱାରା କିପରି ଆୟ ବୃଦ୍ଧି ହୋଇପାରିବ ଏବଂ ଏହା କିପରି ଜୈବ ବିବିଧତା ସୁରକ୍ଷାରେ ସହାୟକ ହୋଇଥାଏ ସେ ସମ୍ପର୍କରେ ବୁଝାଇଥିଲେ। ଅନ୍ୟତମ ବୈଜ୍ଞାନିକ ଡକ୍ଟର ସନ୍ଦୀପ ବେହେରା ରଜନୀଗନ୍ଧା ଓ ମଲ୍ଲି ଫୁଲଚାଷ ସମ୍ପର୍କରେ ବୁଝାଇଥିଲେ । ଓଡ଼ିଶା ଜୀବିକା ମିଶନର ବ୍ଲକ ପ୍ରୋଜେକ୍ଟ ମ୍ୟାନେଜର ଧବେଳେଶ୍ୱର ସୁନା ଏଲ୍‌ଏସ୍‌ପି ନରେନ୍ଦ୍ର ଟାକ୍ରି , ପୂର୍ଣ୍ଣମା ନାୟକ ଓ କୃଷିମିତ୍ର ଉପସ୍ଥିତ ଥିଲେ।

# ୧ କୁଇଣ୍ଟାଲରୁ ଊର୍ଦ୍ଧ୍ୱ ଗଞ୍ଜେଇ ଜବତ, ୫ ଗିରଫ

କୋରାପୁଟ/ଲମତାପୁଟ, ୨୪ା୭ (ଅମିତାଭ ବେହେରା/ ଭକ୍ତରାମ ବାଙ୍କିଆ)



କୋରାପୁଟ ଜିଲା ମାଛକୁଣ୍ଡ ପୋଲିସ ସୋମବାର ବଡି ଭୋରରୁ ଗଞ୍ଜେଇ ଚୋରାଚାଲାଣ ହେଉଥିବା ସୂଚନା ପାଇ ଚଢାଉ କରି ଗଞ୍ଜେଇ ଜବତ କରିଛି। ପ୍ରାୟ ୧୧୩ କେଜି ଗଞ୍ଜେଇ ଜବତ କରି ଏଥିରେ ସମ୍ପୃକ୍ତ ଥିବା ୫ଜଣଙ୍କୁ ଗିରଫ କରିଛି। ସେମାନେ ହେଲେ ମାଛକୁଣ୍ଡ ଥାନା ହନୁମାଳ ଗ୍ରାମର ଲକ୍ଷ୍ମଣ ମାଝି, ଜୟନ୍ତଗିରି ଗ୍ରାମର ଦେବ ଶିଶା, ଗଣ୍ଡିଗୁଡା ଗ୍ରାମର ଦେବ ଦୁରିଆ, ମନ୍ତ୍ରୀପୁଟ ଗ୍ରାମର ସୋନୁ ପାଙ୍ଗି ଏବଂ ଜୟପୁର ବାରିଣିପୁଟ ଅଞ୍ଚଳର ସୁମିତ ଖରା। ସେମାନଙ୍କ ୫ଟି ବାଇକ୍ ମଧ୍ୟ ପୋଲିସ ଜବତ କରିଥିବା ଜଣାପଡିଛି। ଖବରରୁ ଜଣାପଡିଛି, ମାଲକାନାଗିରି ଜିଲାର ପାତ୍ରପୁଟ ଅଞ୍ଚଳରୁ ଅନକାଡେଲି ଦେଇ ଜୟପୁର ବାଇକ ଯୋଗେ ଗଞ୍ଜେଇ ଚାଲାଣ କରାଯାଉଥିବା ସୂଚନା ପାଇ ମାଛକୁଣ୍ଡ ପୋଲିସ ଅନକାଡେଲିଠାରେ ଜଗି ରହିଥିଲା। ୫ ବାଇକ୍‌ରେ ୫ ଜଣ ଆସିବା ଦେଖି ସେମାନଙ୍କୁ ଅଟକାଇ ପୋଲିସ ଯାଞ୍ଚ କରିଥିଲା। ସେମାନଙ୍କଠାରୁ ୫ଟି ବସ୍ତାରେ ଥିବା ଉପରୋକ୍ତ ପରିମାଣର ଗଞ୍ଜେଇକୁ ଜବତ କରିଥିଲା। ଏହି ଘଟଣାର ତଦନ୍ତ ଏସଆଇ ଚିତ ପ୍ରଧାନୀ କରୁଛନ୍ତି। ଏସ୍‌ଆଇ ଏସ କେ ସେଠୀ, ଏସଆଇ ବି.ମାଝିଙ୍କ ସମେତ ଅନ୍ୟମାନେ ସାମିଲଥିଲେ।

# ୪୬ ଅଭିଯୋଗ ଶୁଣାଣି କଲେ ଜିଲାପାଳ

ଲକ୍ଷ୍ମୀପୁର, ୨୪ା୭ ( ଅନନ୍ତ ନାୟକ)

କୋରାପୁଟ ଜିଲା ଲକ୍ଷ୍ମୀପୁରରେ ଜିଲାପାଳଙ୍କ ବ୍ଲକସ୍ତରୀୟ ଜନଶୁଣାଣି ଶିବିର ପଞ୍ଚାୟତ ସମିତିକାର୍ଯ୍ୟାଳୟଠାରେ ସୋମବାର ଅନୁଷ୍ଠିତ ହୋଇଛି। ଏହି ଶିବିରରେ ବ୍ଲକର ବିଭିନ୍ନ ଅଞ୍ଚଳରୁ ନିଜର ବ୍ୟକ୍ତିଗତ ଓ ସାମୂହିକ ସମସ୍ୟା ନେଇ ଜନସାଧାରଣ ଆସିଥିଲେ। ୪୬ ଜଣଙ୍କ ନାମ ପଞ୍ଜୀକରଣ କରାଯାଇଥିଲା। ସେଥି ମଧ୍ୟରୁ ୧୭ଟି ବ୍ୟକ୍ତିଗତ ଏବଂ ୨୯ଟି ସାମୂହିକ ଅଭିଯୋଗ ରହିଥିଲା। ସ୍ୱାସ୍ଥ୍ୟସେବା, ଶିକ୍ଷା, ପାନୀୟ ଜଳ, ରାସ୍ତାଘାଟ ମରାମତି, ଆବାସ ଯୋଜନା, ଭତ୍ତା,ଭିନ୍ନକ୍ଷମ ପ୍ରମାଣପତ୍ର, ରାସ୍ତା ନିର୍ମାଣ ସମ୍ପର୍କରେ ଅଭିଯୋଗଗୁଡିକ ରହିଥିଲା। ରେଳ ବିଭାଗ ଦ୍ୱାରା ଜମି ହରାଇ ବିସ୍ଥାପିତ ହୋଇଥିବା ଲୋକେ ମଧ୍ୟ ସେମାନଙ୍କ ଅଭିଯୋଗ ରଖିଥିଲେ। ବେଦାନ୍ତ କମ୍ପାନୀ ଏବଂ ଓଡ଼ିଶା ଖଣି ନିଗମ ବିରୋଧରେ ମଧ୍ୟ ଅଭିଯୋଗ ଆସିଥିଲା। ଅଭିଯୋଗଗୁଡ଼ିକ ଗ୍ରହଣ କରି ଜିଲାପାଳ ଅବଦୁଲ ମହମ୍ମଦ ଆଖତର ଏହାକୁ କାର୍ଯ୍ୟକାରୀ କରିବା ଲାଗି ବିଭାଗୀୟ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଶିବିରରେ ଜିଲା ମୁଖ୍ୟ ଉନ୍ନୟନ ଅଧିକାରୀ ଗୌରବ ଶିବାଜୀ ଇସ୍ପୱାର,ଜିଲା ସାମାଜିକ ସୁରକ୍ଷା ଅଧିକାରୀ ସୀମାଞ୍ଚଳ ମହାପାତ୍ର, ଜିଲା ମଙ୍ଗଳ ଅଧିକାରୀ ସୁନିଲ ତାଣ୍ଡି, ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ବିମଳକାନ୍ତ ବ୍ରହ୍ମାଙ୍କ ସହ ଜିଲାସ୍ତରୀୟ ଅଧିକାରୀ ଓ ଲକ୍ଷ୍ମୀପୁର ପଞ୍ଚାୟତ ସମିତି ଅଧକ୍ଷା ଶୁଆଇ କୁଲେଶିକା, ଉପାଧ୍ୟକ୍ଷ ଆରତୀ କୁଲଦୀପ, ବିଡିଓ ପ୍ରୀତିରଞ୍ଜନ ରଥ, ଜିପିଓ ସୁଧୀର ବେହେରା,ସାମାଜିକ ସୁରକ୍ଷା ଅଧିକାରୀ ଦୀପକ ବେହୁରିଆ ପ୍ରମୁଖ ଉପସ୍ଥିତ ଥିଲେ। ଏହି ଅବସରରେ ୮ ଜଣଙ୍କୁ ଶ୍ରବଣ ଯନ୍ତ୍ର ,୨ ଜଣଙ୍କୁ ହୁଇଲ ଚେୟାର ଏବଂ ୧୦୭ ଜଣ ହିତାଧିକାରୀଙ୍କୁଭତ୍ତା ବଣ୍ଟନ କରାଯାଇଥିଲା।

**ଶୀଘ୍ର ସମସ୍ୟା ବୁଝିବାକୁ ଦେଲେ ନିର୍ଦ୍ଦେଶ**




ଜଣେ ବ୍ୟକ୍ତି ତାଙ୍କ ଅଭିଯୋଗ ଅଧିକାରୀମାନଙ୍କୁ ଜଣାଉଛନ୍ତି ।

## କୋରାପୁଟର ନୂତନ ପିଏଆଇଟିଡିଏଙ୍କ ଦାୟିତ୍ୱ ଗ୍ରହଣ

କୋରାପୁଟ,୨୪ା୭(ଅମିତାଭ ବେହେରା)

କୋରାପୁଟ ସମନ୍ୱିତ ଆଦିବାସୀ ଉନ୍ନୟନ ସଂସ୍ଥା(ପିଏଆଇଟିଡିଏ)ର ନୂତନ ପ୍ରକଳ୍ପ ପ୍ରଶାସକ ଭାବେ ସୌମ୍ୟ ସାର୍ଥକ ମିଶ୍ର ସୋମବାର ଦାୟିତ୍ୱ ଗ୍ରହଣ କରଛନ୍ତି। ସେ ପୂର୍ବରୁ ଥିବା ପିଏ ଆଇଟିଡିଏ କାରୁ ସୋରେନଙ୍କଠାରୁ ଦାୟିତ୍ୱ ଗ୍ରହଣ କରିଛନ୍ତି। ଦାୟିତ୍ୱ ଗ୍ରହଣ କରିବା ପରେ ସେ ଜିଲାରେ ଚାଲିଥିବା ବିଭିନ୍ନ ଆଦିବାସୀ ବିକାଶମୂଳକ ଯୋଜନାର ତ୍ୱରାନ୍ୱିତ କରିବେ। ଏଥିରୁ ହିତାଧିକାରୀମାନେ ଯେପରି ଉପକୃତ ହେବେ ସେଥିପ୍ରତି ଗୁରୁତ୍ୱ ଦେବେ ବୋଲି କହିଛନ୍ତି। ମିଶ୍ର ପୂର୍ବରୁ ପଟ୍ଟାଙ୍ଗି ବିଡିଓ ଭାବେ କାର୍ଯ୍ୟ କରୁଥିଲେ। ତାଙ୍କର ପଦନ୍ନୋତି କରାଯାଇ କୋରାପୁଟ ପିଏ ଆଇଟିଡିଏ ଭାବେ ବଦଳି ହୋଇଥିଲା । ସେହିପରି କୋରାପୁଟରେ ଥିବା ପିଏଆଇଟିଡିଏ ସୋରେନଙ୍କୁ ନୀଳଗିରିକୁ ବଦଳି କରାଯାଇଛି ।

# ଏନ୍‌ଏଚ୍‌କୁ ମରଣଯନ୍ତା କରୁଛନ୍ତି ଆନ୍ଧ୍ର କାଠ ବ୍ୟବସାୟୀ

ବୈପାରିଗୁଡା,୨୪ା୭ (କଳ୍ପତରୁ ମହାନ୍ତି)

କୋରାପୁଟ ଜିଲା ବୈପାରିଗୁଡା ଦେଇ ଯାଇଛି ରାଞ୍ଚି-ବିଜୟୱାଡା ଜାତୀୟ ରାଜପଥ ଏନଏଚ-୩୨୬ । ପ୍ରତ୍ୟେହ ବହୁ ସଂଖ୍ୟାରେ ଗାଡିମୋଟର ଏହି ରାସ୍ତା ଦେଇ ମାଲକାନାଗିରି ଏବଂ ତେଲଙ୍ଗନା ରାଜ୍ୟକୁ ଯାତାୟାତ କରୁଛନ୍ତି। ଜୟପୁର-ମାଲକାନାଗିରି ମଧ୍ୟରେ ବହୁ ବାଇକ୍ ଆରୋହୀ ମଧ୍ୟ ଯାତାୟାତ କରୁଛନ୍ତି। ତେବେ ଥାନାଠାରୁ ମାତ୍ର ୨ ଶହ ମିଟର ଦୂର ବିଏସ୍‌ଏଫ୍ କ୍ୟାମ୍ପ ନିକଟରେ ରାସ୍ତାରେ ପ୍ରାୟ ୨ ଶହ ମିଟର ପର୍ଯ୍ୟନ୍ତ କାଦୁଅ ମାଟିରେ ଭରିଯାଇଛି। ରାସ୍ତା କଡକୁ ଲାଗି ରହିଥିବା ଜମିରେ କେତେ ଜଣ ଆନ୍ଧ୍ର ବ୍ୟବସାୟୀ ଡେରା ପକାଇ ୟୁକାଲିପଟାସ କାଠ ବ୍ୟବସାୟ କରୁଛନ୍ତି । ସବୁଦିନ ଏଠାରେ ଅନେକ ଟ୍ରକ ୱେ-ବ୍ରିଜ୍‌ରେ କାଠ ଓଜନ କରିବା ସହ ଲୋଡ୍ ଅନଲୋଡ୍ କରୁଛନ୍ତି। ଗାଡି ଚକରେ କାଦୁଅ ଲାଗି ରାସ୍ତା ଉପରକୁ ଆସୁଛି। ଫଳରେ ରାସ୍ତାରେ କାଦୁଅ ଖସଡା ହେଉଛି। ଅନେକ ସମୟରେ ଏହି ରାସ୍ତାରେ ବାଇକ୍ ଚକ ଖସି ଦୁର୍ଘଟଣାମାନ ଘଟୁଛି। ସାଧାରଣ ଲୋକେ ଚାଲିଚାଲି ଯିବାବେଳେ ମଧ୍ୟ କାଦୁଅ ଛିଟା ପଡୁଛି। ଏହି ଅଣଓଡିଆ କାଠ ମାଲିକଙ୍କୁ ସ୍ଥାନୀୟ ଲୋକେ ଏ ସମ୍ପର୍କରେ କହିଲେ ମଧ୍ୟ ସେ କିଛି ଶୁଣୁନାହାନ୍ତି। ପୋଲିସକୁ ଜଣାଇଲେ ମଧ୍ୟ କୌଣସି ପଦକ୍ଷେପ ନେଉନାହାଁନ୍ତି। ଏନ୍‌ଏଚ କର୍ତ୍ତୃପକ୍ଷ ଏଥିପ୍ରତି ଦୃଷ୍ଟି ଦେବାକୁ ସାଧାରଣରେ ଦାବି ହେଉଛି ।



ୱେ-ବ୍ରିଜ୍‌ରେ କାଠ ଓଜନ କରି ଫେରିବା ପରେ ଗାଡି ଚକାରେ ଲାଗିଥିବା କାଦୁଅ ଯୋଗୁ ହୋଇଥିବା ରାସ୍ତା ଅବସ୍ଥା।

## ସଂକ୍ଷେପରେ

### ଓର୍କେଲ ଥାନାର ନୂଆ ଅଧିକାରୀ ହେଲେ ଧୀରେନ



ବାଲିମେଳା,୨୪।୭ (ଶିବଦତ୍ତ ସାହୁ)- ମାଲକାନଗିରି ଜିଲା ବାଲିମେଳା ସହରରେ ଥିବା ଓର୍କେଲ ଥାନାରେ ଗତ ଶନିବାର ନୂତନ ଅଧିକାରୀ ଭାବେ ଧୀରେନ ପଟ୍ଟନାୟକ ଯୋଗଦେଇଛନ୍ତି । ଏଠାରେ ପୂର୍ବରୁ କାର୍ଯ୍ୟରତ ଥିବା ଥାନା ଅଧିକାରୀ ରଘୁନାଥ ମାଝିଙ୍କର ନବରଙ୍ଗପୁର ଜିଲାକୁ ବଦଳି ହୋଇଛି। ସେହିପରି ଧୀରେନଙ୍କୁ କୋରାପୁଟ ଟାଉନ ଥାନାରୁ ଓର୍କେଲ ଥାନାକୁ ବଦଳି ହୋଇଛି । ତେବେ ଓର୍କେଲ ଥାନା ଅଧୀନରେ ଥିବା ସମସ୍ତ ଅଞ୍ଚଳରେ ଚୋରି, ଡକାୟତି ହେଉଥିବା ବିଭିନ୍ନ ପ୍ରକାର ଅପରାଧ ଓ ଗଞ୍ଜେଇ ଚୋରା ଚାଲାଣ ରୋକିବାକୁ ସମସ୍ତ ପ୍ରକାର ଉଦ୍ୟମ କରାଯିବ। ଏଥିସହ ଅଞ୍ଚଳରେ ନିୟମିତ ଗାଡ଼ି ମୋଟର ମଧ ଯାଞ୍ଚ କରାଯିବ। ଆଇନ ଉଲ୍ଲଂଘନ କରି ଗାଡି ଚଳାଉଥିବା ଚାଳକ ଓ ମାଲିକଙ୍କ ବିରୋଧରେ ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ନୂତନ ଥାନା ଅଧିକାରୀ ପଟ୍ଟନାୟକ କହିଛନ୍ତି। ନୂତନ ଥାନା ଅଧିକାରୀ ପଟ୍ଟନାୟକଙ୍କୁ ବିଭିନ୍ନ ମହଲରେ ସ୍ୱାଗତ କରାଯାଇଛି।

### ଲାୟନ୍ସ କ୍ଲବ ଗଭର୍ଣ୍ଣର, ଅନ୍ୟ ସଦସ୍ୟଙ୍କ ଶପଥ ଗ୍ରହଣ



ନବରଙ୍ଗପୁର,୨୪।୭(ସଦାଶିବ ପ୍ରହରାଜ) ଗୋପାଳପୁର ଏକ ହୋଟେଲରେ ଗତ ୨୨ ଓ ୨୩ ତାରିଖ ଦୁଇ ଦିନ ଧରି ଲାୟନ୍ସ କ୍ଲବ ଭଗର୍ନର ଓ ଅନ୍ୟ ସଦସ୍ୟଙ୍କ ଶପଥ ଗ୍ରହଣ ଏବଂ ପୁରସ୍କାର ବିତରଣ ଉତ୍ସବ ଅନୁଷ୍ଠିତ ହେଇଯାଇଛି। ଏଥିରେ ମୁଖ୍ୟ ଅତିଥି ଭାବେ ପୂର୍ବତନ ଅନ୍ତର୍ଜାତୀୟ ଲାୟନ୍ସ ନିର୍ଦ୍ଦେଶକ ତଥା ଓସ୍‌ୱାଲ ଇଣ୍ଡଷ୍ଟ୍ରି ମୁଖ୍ୟ ନିର୍ଦ୍ଦେଶକ ଅରୁଣା ଓସ୍‌ୱାଲ ଯୋଗଦେଇ ନୂତନ ଗଭର୍ଣ୍ଣର ଆଇ. ଭି. କୋଟେଶ୍ୱର ରାଓ ଓ ଅନ୍ୟ ସଦସ୍ୟଙ୍କୁ ଶପଥ ପାଠ କରାଇଥିଲେ। ନୂତନ ଜିଲା ଗଭର୍ଣ୍ଣର ନବରଙ୍ଗପୁର ଲାୟନ୍ସ କ୍ଲବ ସଦସ୍ୟ ହୋଇଥିବାରୁ ତାଙ୍କୁ ସମ୍ମାନିତ କରାଯାଇଥିଲା। ଏହି ସମାରୋହରେ ନବରଙ୍ଗପୁର ଲାୟନ୍ସ କ୍ଲବ ପ୍ରତିଷ୍ଠାତା ସଦସ୍ୟ ଲାୟନ୍ସ ଡାକ୍ତର କେ. ଧନଞ୍ଜୟ ପଟ୍ଟନାୟକଙ୍କୁ ଲାଇଫ ଟାଇମ୍ ଆଚିଭ୍‌ମେଣ୍ଟ ପୁରସ୍କାର ଦିଆଯାଇଥିଲା। ଅନ୍ୟ ଦୁଇଜଣ ପ୍ରତିଷ୍ଠାତା ସଦସ୍ୟ ଲାୟନ୍ସ ଶ୍ରୀକାନ୍ତ ମହାନ୍ତି ଏବଂ ଲାୟନ୍ସ ପି. ଏଲ. ମୂର୍ତ୍ତୀଙ୍କୁ ଦୀର୍ଘ ୩୫ ବର୍ଷର ସେବା ପାଇଁ ଆନ୍ତର୍ଜାତୀୟ ଲାୟନ୍ସ ସଂସ୍ଥା ଦ୍ୱାରା ମାଇଲ ଷ୍ଟୋନ୍ ସମ୍ମାନରେ ସମ୍ମାନିତ କରାଯାଇଥିଲା। ଲାୟନ୍ସ କ୍ଲବ ସଭାପତି ଜଗନ୍ନାଥ ମହାପାତ୍ର ଓ ଲାୟନ୍ସ ଦିଲୀପ ଦାସଙ୍କୁ ଆନ୍ତର୍ଜାତୀୟ ଏମ୍‌ଜେଏମ୍ ସମ୍ମାନରେ ସମ୍ମାନିତ କରାଯାଇଥିଲା। କ୍ଲବ ସମ୍ପାଦକ ଲାୟନ୍ସ ଭୁବନେଶ୍ୱର ସୁରଙ୍କୁ ନୂତନ ସଦସ୍ୟ ବୃଦ୍ଧି ପାଇଁ ଉପଢୌକନ ଦେଇ ସମ୍ମାନିତ କରାଯାଇଥିଲା। ଉତ୍ସବରେ ଜିଲା ନୂତନ ଗଭର୍ଣ୍ଣରଙ୍କ ପ୍ରୋତ୍ସାହନରେ ୩ଟି ନୂଆ ଲାୟନ୍ସ କ୍ଲବ ସ୍ଥାପନା ଏବଂ ୧୨୮ ଜଣ ନୂଆ ସଦସ୍ୟ ଯୋଗ ଦେଇଥିଲେ। ସଭାରେ ୨୧ଜଣ ଏମ୍‌ଜେଏଫ ଏବଂ ୩ ପିଏମ୍‌ଜେଏଫ ସଭ୍ୟ ଗ୍ରହଣ କରିଥିଲେ। ସମାରୋହରେ ଭୁବନେଶ୍ୱର, ପୁରୀ, ନୟାଗଡ, ବୌଦ୍ଧ, ଗଞ୍ଜାମ, ଗଜପତି ଏବଂ ଅବିଭକ୍ତ କୋରାପୁଟ ଜିଲାର ସମସ୍ତ ଲାୟନ୍ସ କ୍ଲବ ସଦସ୍ୟ ଯୋଗ ଦେଇଥିଲେ। ବ୍ରହ୍ମପୁର ଲାୟନ୍ସ କ୍ଲବ ଏବଂ ପୂର୍ବତନ ଜିଲା ଗଭର୍ଣ୍ଣର ଲାୟନ୍ସ ସୁରେଶ ପାଢ଼ୀଙ୍କ ଉଦ୍ୟମ ଓ ତତ୍ତ୍ୱାବଧାନରେ ଏହା ହେଇଥିଲା।

# ସ୍କୁଲ ଆଗରେ ଧାରଣାରେ ଛାତ୍ରୀଛାତ୍ର, ଅଭିଭାବକ

ବାଲିମେଳା,୨୪।୭(ଶିବଦତ୍ତ ସାହୁ)

- ମାଲକାନଗିରିରେ ଉଜୁଡ଼ିବାରେ ଲାଗିଛି ଶିକ୍ଷା ବ୍ୟବସ୍ଥା
- କଲୋନି ୧୨ବିଦ୍ୟାଳୟର ଛାତରୁ ପାଣି ଗଳିବା ଘଟଣା
- ବିଭାଗୀୟ କର୍ତ୍ତୃପକ୍ଷ ନୀରବ
- ସମାଧାନ ନ ହେଲେ ଜିଲାପାଳଙ୍କ ଅଫିସ ଆଗରେ ଧାରଣା ଚେତାବନୀ



ସ୍କୁଲ ସମ୍ମୁଖରେ ପିଲା ଓ ଅଭିଭାବକମାନେ ଧାରଣା ଦେଇଛନ୍ତି ।

ଶିକ୍ଷା ବ୍ୟବସ୍ଥାର ଅଗ୍ରଗତି ନିମନ୍ତେ ରାଜ୍ୟ ସରକାର ଓ ଜିଲା ପ୍ରଶାସନ ପକ୍ଷରୁ ଅନେକ ଯୋଜନା କରାଯାଉଛି। ଏଥି ନିମନ୍ତେ କୋଟି କୋଟି ଟଙ୍କା ଖର୍ଚ୍ଚ କରାଯାଉଛି। ଅଧିକାଂଶ ଅଞ୍ଚଳରେ ଶିକ୍ଷା ବ୍ୟବସ୍ଥାର ଅଗ୍ରଗତି ହୋଇଥିଲେ ମଧ ଆଉ କେତେକ ଅଞ୍ଚଳରେ ବିଭାଗୀୟ କର୍ତ୍ତୃପକ୍ଷଙ୍କ ଦାୟିତ୍ୱହୀନତା ଓ ଅପାରଗତା ଯୋଗୁ ଶିକ୍ଷା ବ୍ୟବସ୍ଥା ଉଜୁଡ଼ିପଡ଼ିଥିବା ଦେଖିବାକୁ ମିଳିଛି। ମାଲକାନଗିରି ଜିଲାରେ ଶିକ୍ଷା ବ୍ୟବସ୍ଥାର ବିକଳ ଚିତ୍ର ଦେଖିବାକୁ ମିଳିଛି। ଖବର ପ୍ରସାରଣରେ ବି ବିଭାଗୀୟ କର୍ତ୍ତୃପକ୍ଷ ନୀରବ। ଏଭଳି ଏକ ଦୃଶ୍ୟ ଦେଖିବାକୁ ମିଳିଛି ବାଲିମେଳା ଏନ୍‌ଏସି ଅନ୍ତର୍ଗତ ୧୨ନଂ. ୱାର୍ଡ କଲୋନି ୧୨ ପ୍ରାଥମିକ ବିଦ୍ୟାଳୟରେ। ଉକ୍ତ ବିଦ୍ୟାଳୟରେ ପ୍ରଥମରୁ ୫ମ ଶ୍ରେଣୀ ପର୍ଯ୍ୟନ୍ତ ପ୍ରାୟ ୧୦୫ ଛାତ୍ରୀଛାତ୍ର ଅଧ୍ୟୟନ କରୁଛନ୍ତି। ସେମାନଙ୍କ ପାଇଁ ରହିଛି ୪ଟି ଶ୍ରେଣୀଗୃହ । ଦୀର୍ଘ ବର୍ଷ ହେଲା ବର୍ଷାଦିନେ ଉକ୍ତ ଶ୍ରେଣୀଗୃହ ଛାତରୁ ପାଣି ଗଳୁଥିବାରୁ ସେଠାରେ ପିଲାମାନେ ବସି ପଢିବା ସମ୍ଭବ ହେଉନାହିଁ। ଶେଷରେ ନିରୂପାୟ ହୋଇ ଛାତ୍ରୀଛାତ୍ରମାନେ ବାରଣ୍ଡାରେ ବସି ପଢିବାକୁ ବାଧ ହେଉଛନ୍ତି। ଏହାର ସ୍ଥାୟୀ ସମାଧାନ ନିମନ୍ତେ ସ୍କୁଲ କର୍ତ୍ତୃପକ୍ଷ ଓ ପରିଚାଳନା କମିଟି ପକ୍ଷରୁ ବାରମ୍ବାର ଏନ୍‌ଏସି ନିର୍ବାହୀ ଅଧିକାରୀ, କୋରୁକୋଣ୍ଡା ଗୋଷ୍ଠୀ ଶିକ୍ଷା ଅଧିକାରୀ,ବିଡିଓ ଓ ପ୍ରଶାସନିକ ଅଧିକାରୀଙ୍କ ଦ୍ୱାରସ୍ଥ ହୋଇ ଲିଖିତ ଅଭିଯୋଗ କରିବା ପରେ ମଧ କୌଣସି ସୁଫଳ ମିଳି ନାହିଁ ବୋଲି ସ୍କୁଲ କର୍ତ୍ତୃପକ୍ଷ ଓ ବିଦ୍ୟାଳୟ ପରିଚାଳନା କମିଟି ସଭାପତି ଗଣେଶ ନାୟକ ଅଭିଯୋଗ କରିଛନ୍ତି। ଚଳିତବର୍ଷ ଏଠାରେ ଲଗାଣ ବର୍ଷା ଲାଗି ରହିଥିବାରୁ ବିଦ୍ୟାଳୟର ଛାତରୁ ପାଣି ଗଳିବା ଯୋଗୁ ପିଲାମାନେ ପୂର୍ବ ଭଳି ସମାନ ଦଶା ଭୋଗୁଛନ୍ତି ।

ଏହି ଘଟଣା ସମ୍ପର୍କରେ ଗତ ୧୯ତାରିଖରୁ ବିଭିନ୍ନ ଖବରକାଗଜରେ ସମସ୍ୟା ସମ୍ପର୍କରେ ଖବର ପ୍ରସାରଣ ହୋଇଥିଲା । ସେ ସମୟରେ ବ୍ଲକ ଶିକ୍ଷା ଅଧିକାରୀ ଅସିତ ମିସ୍ତ୍ରି ଏବଂ ବିଡିଓ ବେଦବ୍ୟାସ ଭୋଇ କହିଥିଲେ, ତୁରନ୍ତ ଉକ୍ତ ବିଦ୍ୟାଳୟକୁ ବିଭାଗୀୟ ଅଧିକାରୀମାନଙ୍କୁ ପଠାଇ କିପରି ଏହାର ସ୍ଥାୟୀ ସମାଧାନ ହୋଇପାରିବ ସେ ଦିଗରେ ପଦକ୍ଷେପ ଗ୍ରହଣ କରାଯିବ ବୋଲି କହିଥିଲେ। ସୋମବାର ବର୍ଷାରେ ବିଦ୍ୟାଳୟରେ ସମାନ ଅବସ୍ଥା ଲାଗି ରହିଥିବା ବେଳେ ଅଭିଭାବକ ଓ ଛାତ୍ରୀଛାତ୍ର ବିଦ୍ୟାଳୟ ମୁଖ୍ୟ ଫାଟକରେ ତାଲା ପକାଇ ଧାରଣାରେ ବସିଥିଲେ। ଏ ସମ୍ପର୍କରେ ସୂଚନା ପାଇ ଓର୍‌କେଲ ଥାନା ଅଧିକାରୀ ଧୀରେନ ପଟ୍ଟନାୟକଙ୍କ ନେତୃତ୍ୱରେ ପୋଲିସ ଟିମ୍ ପହଞ୍ଚି ଧାରଣାରେ ବସିଥିବା ଅଭିଭାବକଙ୍କ ସହ ଆଲୋଚନାକରି ବୁଝାଶୁଝା କରିଥିଲେ । କିନ୍ତୁ ଶିକ୍ଷା ବିଭାଗର କର୍ତ୍ତୃପକ୍ଷ ଓ ପ୍ରଶାସନିକ ଅଧିକାରୀମାନେ ଏଠାକୁ ଆସି ସମସ୍ୟାର ସ୍ଥାୟୀ ସମାଧାନ ନ କଲା ପର୍ଯ୍ୟନ୍ତ ଆମେ ଆନ୍ଦୋଳନରୁ ଓହରିବୁ ନାହିଁ ବୋଲି ଜିଦ୍ ଧରିଥିଲେ। ବିଦ୍ୟାଳୟକୁ ପିଲାଙ୍କୁ ଛାଡିବୁନି ବୋଲି ଅର୍ଜୁନ ମାଝି, ପି.ସରୋଜିନୀ ଚନ୍ଦ୍ରାଣୀ, କମଳା ନାଗ, ସୁରଜ ଚାଲାଣ, ଘାସି ବାଘ ଓ ମନୋହର ଦଳାଇଙ୍କ ସମେତ ଶତାଧିକ ଅଞ୍ଚଳବାସୀ ଏବଂ ୧୨ନମ୍ବର ୱାର୍ଡର କାଉନସିଲର ସୁଶ୍ରୀ ମଙ୍ଗୁଳି ହିଆଲ ବିଦ୍ୟାଳୟ କମିଟି ସଭାପତି ଗଣେଶ ନାୟକ ପ୍ରମୁଖ ଅଡ଼ି ବସିଛନ୍ତି ।

ଘଟଣା ସମ୍ପର୍କରେ ବିଡିଓ ଭୋଇ ସୂଚନା ପାଇବା ପରେ ସେ ତୁରନ୍ତ ବାଲିମେଳା ଏନ୍‌ଏସି ଓ କୋରୁକୋଣ୍ଡା ଦାୟିତ୍ୱରେ ଥିବା ସହକାରୀ ଯନ୍ତ୍ରୀ ସୁକାନ୍ତ କୁମାର ସ୍ୱାଇଁ ଓ ଅନ୍ୟ କେତେକ ଯନ୍ତ୍ରୀଙ୍କୁ ବିଦ୍ୟାଳୟକୁ ପଠାଇ ଥିଲେ। ସହକାରୀ ଯନ୍ତ୍ରୀ ସ୍ୱାଇଁ ସ୍କୁଲ ପରିଦର୍ଶନ କରିବା ସହ ଲାଗି ରହିଥିବା ସମସ୍ୟା ସମ୍ପର୍କରେ ସ୍କୁଲ କର୍ତ୍ତୃପକ୍ଷ ଓ ଧାରଣାରେ ବସିଥିବା ଅଭିଭାବକଙ୍କ ସହ ଆଲୋଚନା କରିଥିଲେ। ଘଟଣା ସମ୍ପର୍କରେ ବିଡିଓ ଏବଂ ଜିଲାପାଳଙ୍କୁ ରିପୋର୍ଟ ଦେବେ ବୋଲି ସହକାରୀ ଯନ୍ତ୍ରୀ ସ୍ୱାଇଁ କହିଛନ୍ତି। ଖବର ଲେଖାହେବା ପର୍ଯ୍ୟନ୍ତ ଶିକ୍ଷା ବିଭାଗର କୌଣସି କର୍ତ୍ତୃପକ୍ଷ ବିଦ୍ୟାଳୟରେ ପହଞ୍ଚି ନ ଥିବାରୁ ଅଭିଭାବକଙ୍କ ମହଲରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି ।

### ସିୟୁଓରେ ୫ ଛାତ୍ରୀଛାତ୍ର ପାଇଲେ ଚାକିରି

କୋରାପୁଟ,୨୪।୭ (ଅମିତାଭ ବେହେରା)

ଓଡ଼ିଶା କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟ (ସିୟୁଓ) କୋରାପୁଟର ସାମ୍ବାଦିକତା ଓ ଗଣଯୋଗାଯୋଗ ବିଭାଗର ୫ ଜଣ ଛାତ୍ରୀଛାତ୍ର ନିକଟରେ ସରକାରୀ ଓ ବେସରକାରୀ କ୍ଷେତ୍ରରେ ବିଭିନ୍ନ ପଦ ପଦବୀରେ ଅବସ୍ଥାପିତ ହୋଇଛନ୍ତି। ସେମାନେ ହେଲେ ଛାତ୍ର ଅନିରୁଦ୍ଧ ଜେନା କାଶୀପୁର (ଉତ୍ତରାଖଣ୍ଡ) ଆଇଆଇଏମ୍‌ର ଆସିଷ୍ଟାଣ୍ଟ ପ୍ରଫେସର ଭାବେ ଯୋଗ ଦେଇଥିବା ବେଳେ ରାଉରକେଲା ଇସ୍ପାତ କାରଖାନାରେ ମ୍ୟାନେଜମେଣ୍ଟ ଟ୍ରେନି ଭାବେ ଯୋଗ ଦେଇଛନ୍ତି ଜୟଦେବ ମଜୁମଦାର। ସେହିପରି ପ୍ରମୋଦ ତାଡିଙ୍ଗୀ ଓଏସ୍‌ଡବ୍ଲ୍ୟୁସିରେ ସହକାରୀ ଅଧୀକ୍ଷକ ଭାବେ ଯୋଗ ଦେଇଛନ୍ତି। ଛାତ୍ରୀ ଅମିଷା ସରଘରିଆ ବାଲେଶ୍ୱରସ୍ଥିତ ଟାଟା ପାୱାର ନର୍ଥ ଓଡ଼ିଶା ଡିଷ୍ଟ୍ରିବ୍ୟୁସନ୍ ଲିମିଟେଡ୍‌ରେ କର୍ପୋରେଟ୍ କମ୍ୟୁନିକେଶସନରେ କାର୍ଯ୍ୟନିର୍ବାହୀ ଟ୍ରେନି ଭାବେ ଯୋଗ ଦେଇଛନ୍ତି। ମିଶ୍ରା ହୋତା ଭୁବନେଶ୍ୱରସ୍ଥିତ ଜେବି କନସଲଟାନ୍ସି ଆଣ୍ଡ ଷ୍ଟ୍ରାଟେଜିରେ ଜନ ସମ୍ପର୍କ ଏକ୍‌ଜୁକେଟିଭ୍ ଭାବେ ଯୋଗ ଦେଇଥିବା ଜଣାପଡିଛି। ଛାତ୍ରୀଛାତ୍ରଙ୍କ ,ହି ସଫଳତାରେ ବିଶ୍ୱବିଦ୍ୟାଳର କୁଳପତି ପ୍ରଫେସର ଚକ୍ରଧର ତ୍ରିପାଠୀ ସେମାନଙ୍କୁ ଶୁଭେଚ୍ଛା ଜଣାଇଛନ୍ତି।

# ସୀମାନ୍ତରେ ମାଓବାଦୀଙ୍କ ମୃତଦେହ

ମାଲକାନଗିରି,୨୪।୭(ଦୁର୍ଯ୍ୟୋଧନ ପାତ୍ର)

**ବିପୁଳ ପରିମାଣର ସାମଗ୍ରୀ ଜବତ**

ମାଲକାନଗିରି ଜିଲା ସୀମାନ୍ତ ଛତିଶଗଡ ବିଜାପୁର ଜିଲାରେ ଗତ ଦୁଇଦିନ ପୂର୍ବେ ମାଓବାଦୀ ଓ ଯବାନଙ୍କ ମଧ୍ୟରେ ଗୁଳି ବିନିମୟ ହୋଇଥିଲା। ଯବାନମାନେ କୋମ୍ବିଂ ଅପରେଶନ କରିବା ପରେ ସୋମବାର ଜଣେ ମାଓବାଦୀଙ୍କ ମୃତଦେହ ସହ ବିପୁଳ ପରିମାଣର ମାଓବାଦୀ ସାମଗ୍ରୀ ଓ ବିସ୍ଫୋରକ ଜବତ କରିଛନ୍ତି।

ପ୍ରକାଶଯେ, ଗତ ୨୨ ତାରିଖରେ ବିଜାପୁର ଜିଲା ଭେରମଗଡ ଥାନା ପୋଟେନାର ଜଙ୍ଗଲରେ ମାଓବାଦୀ ଓ ପୋଲିସ ମଧ୍ୟରେ ଗୁଳିବିନିମୟ ହୋଇଥିଲା। ଏଥିରେ କୌଣସି ଯବାନଙ୍କ ମୃତ୍ୟୁ ହୋଇ ନ ଥିବା ବେଳେ ୨ ଦିନ କୋମ୍ବିଂ ଅପରେଶନ ପରେ ଯବାନମାନେ ସେହି ଅଞ୍ଚଳରୁ ଜଣେ ମାଓବାଦୀଙ୍କ ମୃତଦେହ ସହ ବିସ୍ଫୋରକ ଓ ମାଓବାଦୀ ସାମଗ୍ରୀ ଜବତ କରିଛନ୍ତି। ଜବତ ସାମଗ୍ରୀଗୁଡିକ ମଧ୍ୟରେ ଗୋଟିଏ ବନ୍ଧୁକ, ୬ ରାଉଣ୍ଡ ଅଫୁଟା ଗୁଳି, ତାର, ଜିଲୋଟିନ୍ ଷ୍ଟିକ୍, ମାଓବାଦୀ ପୋଷାକ ଓ ପୁସ୍ତକଆଦି ରହିଛି। ତେବେ ଯବାନମାନେ ଫେରିବା ପରେ ସୂଚନା ଦେଇଛନ୍ତି, ଗୁଳି ବିନିମୟ ପରେ ଉକ୍ତ ଅଞ୍ଚଳରେ କୋମ୍ବିଂ ସମୟରେ ଜଙ୍ଗଲ ମଧ୍ୟରେ କିଛି ରକ୍ତ ଛିଟା ଓ ଘୋଷଡା ଚିହ୍ନ ଦେଖିବାକୁ ମିଳିଥିଲା। ଏଥିରୁ ସନ୍ଦେହ କରା ଯାଉଛି, ଗୁଳି ବିନିମୟରେ ପ୍ରାୟ ୩ ରୁ ୪ ଜଣଙ୍କର ମୃତ୍ୟୁ ହୋଇଥିବ କିମ୍ବା ସେମାନେ ଆହତ ହୋଇଥିବେ। ତେବେ ବସ୍ତର ଆଇଜି ସୁନ୍ଦରରାଜ ପି. ସୂଚନା ଦେଇଛନ୍ତି, ଯେଉଁ ମାଓବାଦୀଙ୍କ ମୃତଦେହ ଜବତ କରାଯାଇଛି ତାଙ୍କ ନାମ ଓ ଠିକଣା ଜଣାପଡି ନାହିଁ।


ଜବତ ମାଓବାଦୀ ସାମଗ୍ରୀ ।

### ବିଦ୍ୟୁତ୍ ସଂସ୍ପର୍ଶରେ ଆସି ଯୁବକ ମୃତ

ରାଇଘର ୨୪।୭(କିରଣ ପଟ୍ଟନାୟକ)

ନବରଙ୍ଗପୁର ଜିଲା ରାଇଘର ବ୍ଲକ ଅଧୀନ ଅଞ୍ଚଳା ଗ୍ରାମର ଗଣେଶ ଗଣ୍ଡ (୩୦) ବିଦ୍ୟୁତ୍ ତାର ସଂସ୍ପର୍ଶରେ ଆସି ପ୍ରାଣ ହରାଇଛନ୍ତି। ରାଇଘର ପୋଲିସ ୪୮/୨୩ରେ ମାମଲା ରୁଜୁ କରି ଘଟଣାର ତଦନ୍ତ କରୁଛି। ପ୍ରକାଶ ଯେ, ଘରେ କରେଣ୍ଟ ନ ଥିବାରୁ ମରାମତି କରିବାକୁ ଗଣେଶ ଖୁଣ୍ଟ ଉପରେ ଚଢି ଯାଇଥିଲେ। ତାରରେ କରେଣ୍ଟ ଥିବାରୁ ଏହାର ସଂସ୍ପର୍ଶରେ ଆସି ଖୁଣ୍ଟ ଉପରେ ଲାଖି ଯାଇଥିଲେ। ସେଠାରେ ହିଁ ତାଙ୍କର ମୃତ୍ୟୁ ହୋଇଯାଇଥିଲା। ରବିବାର ରାତି ସାରା ପରିବାର ଲୋକେ ବିଦ୍ୟୁତ ଖୁଣ୍ଟ ତଳେ ମୃତଦେହ ଜଗିଥିଲେ । ସକାଳ ହେବା ପରେ ସ୍ଥାନୀୟ ଥାନା ଓ ବିଦ୍ୟୁତ୍ କାର୍ଯ୍ୟାଳୟକୁ ଖବର ଦିଆଯାଇଥିଲା। ବିଦ୍ୟୁତ ବିଭାଗ ପକ୍ଷରୁ ଏ ନେଇ ଥାନାରେ ଏତଲା ଦିଆଯାଇଛି। ସ୍ଥାନୀୟ ପୋଲିସ ଘଟଣାସ୍ଥଳରେ ପହଞ୍ଚି ଗଣେଶଙ୍କ ମୃତଦେହକୁ ତଳକୁ ଅଣି ବ୍ୟବଚ୍ଛେଦ ପାଇଁ ପଠାଇଛି। ଗଣେଶ ଘର ପାଇଁ ହୁକ ଲଗାଇବାକୁ ଯାଇ ଦୁର୍ଘଟଣାର ଶିକାର ହୋଇଥିବା ବିଦ୍ୟୁତ୍ ବିଭାଗ ଯନ୍ତ୍ରୀ କହିଛନ୍ତି।

### ନବୋଦୟ ବିଦ୍ୟାଳୟ-୨ରେ ମ୍ୟାଲେରିଆ ପରୀକ୍ଷଣ ଶିବିର


ଶିବିରରେ ସ୍ୱାସ୍ଥ୍ୟ ପରୀକ୍ଷା କରାଯାଉଛି ।

ବାଲିମେଳା,୨୪।୭(ଶିବଦତ୍ତ ସାହୁ)

ମାଲକାନଗିରି ଜିଲା ବାଲିମେଳାରେ ନବୋଦୟ ବିଦ୍ୟାଳୟ-୨ ରେ ସୋମବାର କୋରୁକୋଣ୍ଡା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପକ୍ଷରୁ ଛାତ୍ରୀଛାତ୍ରଙ୍କ ସ୍ୱାସ୍ଥ୍ୟ ଯାଞ୍ଚ ଶିବିର ଅନୁଷ୍ଠିତ ହୋଇଯାଇଛି। ମ୍ୟାଲେରିଆ ଓ ଡେଙ୍ଗୁ ଦିନକୁ ଦିନ କାୟା ବିସ୍ତାର କରୁଥିବା ବେଳେ ସଚେତନତା ପାଇଁ ପିଲାମାନଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରାଯାଇଥିଲା। ବିଦ୍ୟାଳୟ କର୍ତ୍ତୃପକ୍ଷଙ୍କ ପ୍ରଚେଷ୍ଟାରେ କୋରୁକୋଣ୍ଡା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ଡାକ୍ତର ଓ ଅନ୍ୟ କର୍ମଚାରୀମାନେ ୩୨୨ ଛାତ୍ରୀଛାତ୍ରଙ୍କ ରକ୍ତ ନମୁନା ସଂଗ୍ରହକରି ପରୀକ୍ଷା କରାଯିବା ସହ ଛାତ୍ରୀଛାତ୍ରଙ୍କୁ ମ୍ୟାଲେରିଆ ଓ ଏହାର ନିରାକରଣ ସମ୍ପର୍କରେ ସଚେତନ କରାଯାଇଥିଲା। ଶିବିରକୁ ପ୍ରଧାନ ଆଚାର୍ଯ୍ୟ ଜିତେନ୍ଦ୍ର କୁମାର ରଥ, ନର୍ସ ଗୀତାଞ୍ଜଳି ସିହ୍ନା, ବରିଷ୍ଠ ଶିକ୍ଷକ ଆର୍.ସି. ବାନୋଥ ଓ ଆଶୁତୋଷ ତିୱାରୀ ଓ ଅନୁଷ୍ଠାନର ଅନ୍ୟ ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀମାନେ ଉପସ୍ଥିତ ରହି ଶିବିରକୁ ସୁଚାରୁରୂପେ ପରିଚାଳନା କରିଥିଲେ।

# ପଞ୍ଚାୟତସ୍ତରରୁ ସଚେତନ ହେଲେ ଡେଙ୍ଗୁ ନିରାକରଣ ସମ୍ଭବ

ନନ୍ଦାହାଣ୍ଡି , ୨୪।୭ (ପ୍ରତୀପ କୁମାର ଦାଶ)

ଚଳିତ ବର୍ଷ ଜୁଲାଇ ମାସକୁ ଡେଙ୍ଗୁ ନିରାକରଣ ମାସ ରୂପେ ପାଳନ କରାଯାଉଛି। ଏହି ଅବସରରେ ସୋମବା ନନ୍ଦାହାଣ୍ଡି ବ୍ଲକ ସଭାଗୃହରେ ଏକ ସଚେତନତା ବୈଠକ କରାଯାଇଛି। ବୈଠକରେ ନନ୍ଦାହାଣ୍ଡି ବ୍ଲକ ଅଧ୍ୟକ୍ଷା ରଶ୍ମିତା ମାଝି, ବିଡିଓ କ୍ଷୀରୋଦ ଚନ୍ଦ୍ର ସାହୁ, ନନ୍ଦାହାଣ୍ଡି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଡାକ୍ତର ଚିରାଗ ଆଚାର୍ଯ୍ୟ, ଡାକ୍ତର ଅମିତ ଦାଶ, ମ୍ୟାଲେରିଆ ଟେକନିକାଲ ସୁପରଭାଇଜର ତୃପ୍ତାମୟୀ ବେହେରା,


ବୈଠକରେ ଉପସ୍ଥିତ ଅତିଥିମାନେ।

ଏମ୍‌ସିଡି କାଉନସିଲର ସରିତା ପଣ୍ଡା ଉପସ୍ଥିତ ଥିଲେ। ସେମାନେ ଡେଙ୍ଗୁ ବ୍ୟାପିବାର କାରଣ ଏବଂ ଏହାର ନିରାକରଣ ପାଇଁ କଣ ପଦକ୍ଷେପ ନେବା ଉଚିତ ସେ ବିଷୟରେ ବିସ୍ତୃତ ବିବରଣୀ ଦେଇଥିଲେ। ନିଜ ପଞ୍ଚାୟତର ୱାର୍ଡ ମେମ୍ବରଙ୍କ ସହ ମିଶି ଲୋକଙ୍କୁ ସଚେତନ କରେଇବାକୁ ଉପସ୍ଥିତ ସରପଞ୍ଚମାନଙ୍କୁ ପରାମର୍ଶ ଦିଆଯାଇଛି। ପଞ୍ଚାୟତସ୍ତରରେ ଏହାର ସଫଳ ରୂପାୟନ ହେଲେ ଡେଙ୍ଗୁ ନିରାକରଣ କରାଯାଇପାରି। ବୋଲି ଅତିଥିମାନେ କହିଥିଲେ। ଏଡିସ ମଶା ଦ୍ୱାରା ଡେଙ୍ଗୁ ବ୍ୟାପୁଥିବାରୁ ତାହାର ବଂଶ ବୃଦ୍ଧିକୁ କିଭଳି ରୋକିହେବ, ଗାଁ ଡ୍ରେନ ସଫା କରିବାକୁ ଉପଯୁକ୍ତ ପାଣ୍ଠି ଏବଂ ଆବଶ୍ୟକୀୟ ଟଙ୍କା ନ ଥିବା ଚିନ୍ତାର ବିଷୟ ବୋଲି କୁହାଯାଇଛି। ମାସର ପ୍ରତ୍ୟେକ ରବିବାରକୁ ଡ୍ରାଇ ଡେ ହିସାବରେ ପାଳନ କରି ସେହିଦିନ ସରପଞ୍ଚ, ୱାର୍ଡ ମେମ୍ବର ଏବଂ ଗ୍ରାମବାସୀ ମିଶି ଗାଁ ସଫା କରିବା ଯୋଜନା ରହିଛି ବୋଲି ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ କୁହାଯାଇଛି।

### ରେଳଷ୍ଟେଶନରେ ମାଓବାଦୀ ପୋଷ୍ଟର

ମାଲକାନଗିରି, ୨୪।୭ (ଦୁର୍ଯ୍ୟୋଧନ ପାତ୍ର)




ମାଲକାନଗିରି ଜିଲା ସୀମାନ୍ତ ଛତିଶଗଡ ରାଜ୍ୟ ଦାନ୍ତେୱାଡା ଜିଲା ଭାନ୍‌ସୀ ରେଳ ଷ୍ଟେଶନ ନିକଟରେ ଶହୀଦ ସପ୍ତାହ ପାଳନ ପାଇଁ ମାଓବାଦୀମାନେ ପୋଷ୍ଟର ଲଗାଇଛନ୍ତି।

ସୂଚନା ଅନୁଯାୟୀ, ରବିବାର ରାତିରେ ଜଙ୍ଗଲ ପଟୁ ୪ରୁ ୫ ଜଣ ମାଓବାଦୀ ଭାନ୍‌ସୀ ରେଳ ଷ୍ଟେଶନକୁ ଆସିଥିଲେ। ସେଠାରେ ଯାତ୍ରୀମାନେ ଦେଖୁଥିବା ବେଳେ ସେମାନେ ପୋଷ୍ଟର ଲଗାଇ ନିକଟସ୍ଥ ଜଙ୍ଗଲକୁ ପଳାଇ ଯାଇଥିଲେ। ସେହି ବ୍ୟାନରରେ ଶହୀଦ ସପ୍ତାହ ପାଳନ ବିଷୟରେ ଭେରମଗଡ ଏରିଆ କମିଟି ପକ୍ଷରୁ ଉଲ୍ଲେଖ କରାଯାଇଛି। ଅମର ଶହୀଦମାନଙ୍କ ଉଦ୍ଦେଶ୍ୟ ପୂରଣ କରିବା ସହ ପୁଞ୍ଜିବାଦ, ସାମ୍ରାଜ୍ୟବାଦ ଓ ଅମଲାତନ୍ତ୍ରକୁ ପୋଷ୍ଟରରେ ବିରୋଧ କରାଯାଇଛି। ଖବର ପାଇ ସ୍ଥାନୀୟ ପୋଲିସ ପୋଷ୍ଟର ବାହାର କରି ନେଇଛି।

# ତରବରିଆଭାବେ କର୍ମଚାରୀଙ୍କୁ କରାଯାଉଛି ବଦଳି

ତେନ୍ତୁଳିଖୁଣ୍ଟି, ୨୪।୭(ଚିଦାନନ୍ଦ ସାହୁ)

**ତେନ୍ତୁଳିଖୁଣ୍ଟି ପଞ୍ଚାୟତ ସମିତି କାର୍ଯ୍ୟାଳୟରେ କର୍ମଚାରୀ ସମସ୍ୟା**

ନବରଙ୍ଗପୁର ଜିଲା ତେନ୍ତୁଳିଖୁଣ୍ଟି ପଞ୍ଚାୟତ ସମିତି କାର୍ଯ୍ୟାଳୟରେ ଚାଲିଛି ଅଜବ ଶାସନ। କାର୍ଯ୍ୟାଳୟରେ ଆବଶ୍ୟକ ଅମଲା, କନିଷ୍ଠ ଯନ୍ତ୍ରୀ ଓ ପଞ୍ଚାୟତ ନିର୍ବାହୀ ଅଧିକାରୀ ନାହାନ୍ତି। ବ୍ଲକ ସାମାଜିକ ସୁରକ୍ଷା ଅଧିକାରୀ ପଦବୀ ତିନି ବର୍ଷ ହେଲା ଖାଲି ପଡ଼ିଛି। ଉକ୍ତ ପଦବୀରେ ଜଣେ କିରାଣୀ ଭାରାପ୍ରାପ୍ତ ଦାୟିତ୍ୱରେ ରହିଛନ୍ତି। ମଙ୍ଗଳ ସମ୍ପ୍ରସାରଣ ଅଧିକାରୀ ୨ଟିବ୍ଲକ ଦାୟିତ୍ୱରେ ଥିବାରୁ ଏଠାରେ ତିନି ଦିନ କାର୍ଯ୍ୟ କରୁଛନ୍ତି। ଏଭଳି ସ୍ଥିତିରେ ବ୍ଲକ ପ୍ରଶାସନ ବଦଳି ଆଦେଶ ଆସିବା କ୍ଷଣି କର୍ମଚାରୀଙ୍କୁ ତତକ୍ଷଣାତ ରିଲିଭ କରିବା ଶାସନ ପ୍ରଣାଳୀକୁ ନେଇ ପ୍ରଶ୍ନ ଉଠୁଛି।

୧୨ ଜୁଲାଇ ୨୦୨୩ରେ ପତ୍ର ସଂଖ୍ୟା୩୦୯୫ /୨୦୨୩ରେ ସହକାରୀ ନିର୍ବାହୀଯନ୍ତ୍ରୀ ଆଶିଷ ପ୍ରଧାନ ତେନ୍ତୁଳିଖୁଣ୍ଟିରୁ ନବରଙ୍ଗପୁର ଆଇଟିଡିଏକୁ ବଦଳି କରାଯାଇଛି। ସେହି ଚିଠିରେ ଟେକନିକାଲ କନସଲଣ୍ଟାଣ୍ଟ ହେମନ୍ତ କୁମାର ବସନ୍ତିଆଙ୍କ ବଦଳି ତେନ୍ତୁଳିଖୁଣ୍ଟିରୁ ପାପଡାହାଣ୍ଡିକୁ ବଦଳି ହୋଇଛି। ବସନ୍ତିଆଙ୍କୁ ୧୩ ତାରିଖରେ ରିଲିଭ କରି ଦିଆ ଯାଇଛି। ତାଙ୍କ ସ୍ଥାନରେ ଟେକନିକାଲ କନସଲଣ୍ଟାଣ୍ଟ ସବ୍ୟସାଚି ସାହୁଙ୍କୁ ପାପଡ଼ାହଣ୍ଡିରୁ ତେନ୍ତୁଳିଖୁଣ୍ଟିକୁ ବଦଳି ନିର୍ଦ୍ଦେଶ ଥିଲା। ସେ କିନ୍ତୁ ଏଯାଏ ତେନ୍ତୁଳିଖୁଣ୍ଟିକୁ ଆସି ନାହାନ୍ତି। ଏଇଇ ପ୍ରଧାନଙ୍କୁ ଏଯାବତ ରିଲିଭ କରାଯାଇନି। ସେ ତେନ୍ତୁଳିଖୁଣ୍ଟିରେ ଅଛନ୍ତି। ସେପଟେ ସୋମବାର ଜିଲାପାଳ କାର୍ଯ୍ୟାଳୟ ପତ୍ର ସଂଖ୍ୟା ୬୩୩୨/xx୧୦/୨୦୨୩ରେ ଜାରି ତେନ୍ତୁଳିଖୁଣ୍ଟି ବ୍ଲକର ବରିଷ୍ଠ କିରାଣୀ ଗଗନ ବିଷୋୟୀଙ୍କୁ ଜିଲା ଜରୁରୀ କାଳୀନ ବିଭାଗକୁ ବଦଳି ହୋଇଛି। ସେହିଭଳି କୋଷାଧ୍ୟକ୍ଷ ସୁନୀଲ କୁମାର ଭତ୍ରାଙ୍କୁ ନବରଙ୍ଗପୁର ଜିଲାପାଳଙ୍କ କାର୍ଯ୍ୟାୟ ଓ ବରିଷ୍ଠ କିରାଣୀ ଆକାଶ ନାୟକଙ୍କୁ ଚନ୍ଦାହାଣ୍ଡି ତହସିଲକୁ ବଦଳି ହୋଇଛି। ବଦଳି ନିର୍ଦ୍ଦେଶ ପହଞ୍ଚିବା ପୂର୍ବରୁ ହିଁ ରିଲିଭ କରିଦିଆଯାଇଛି ବୋଲି ସେମାନେ ଅଭିଯୋଗ କରିଛନ୍ତି। ଯଦିଓ ଏହା ପ୍ରମୋସନ ଆଦେଶ ତଥାପି ରିଲିଭର ନ ଆସିବା ପୂର୍ବରୁ ରିଲିଭ କରିବା କେତେଦୂର ଯୁକ୍ତି ସଙ୍ଗତ ବୋଲି ସେମାନେ ପଚାରିଛନ୍ତି। ବ୍ଲକରେ କର୍ମଚାରୀ ସମସ୍ୟା ଗୁରୁତର ଥିବାବେଳେ ଏଭଳି ରିଲିଭକୁ ନେଇ ପ୍ରଶ୍ନ ଉଠାଉଛନ୍ତି ବୁଦ୍ଧିଜୀବୀ। ପ୍ରମୋସନ ପାଇଁ ଡିସେମ୍ବର ଓ ମେ ମାସ ଧାର୍ଯ୍ୟ ହୋଇଥିବାବେଳେ ସେଥିରେ ତାଳମେଳ ରହୁ ନଥିବା ବେଳେ ବ୍ଲକ ପ୍ରଶାସନର ଆଜିର ରିଲିଭକୁ ନେଇ ପ୍ରଶ୍ନ ଉଠୁଛି। ଏ ନେଇ ବିଡିଓ ମନୋଜ କୁମାର ପାଣିଗ୍ରାହୀଙ୍କୁ ତିନି ଜଣଙ୍କ ରିଲିଭ ସମ୍ପର୍କରେ ପଚାରିବାରୁ ପ୍ରମୋଶନ କେଶ ପାଇଁ ରିଲିଭ କରାଯାଇଛି। ସବୁ ଉପରିସ୍ଥ ଅଧିକାରୀଙ୍କ ନିର୍ଦ୍ଦେଶ ଅନୁଯାୟୀ କାର୍ଯ୍ୟ କରାଯାଉଛି ବୋଲି ସେ କହିଛନ୍ତି।

# ଶ୍ମଶାନ ଜାଗାକୁ ନେଇ ବିବାଦ

ମାଲକାନଗିରି, ୨୪।୭(ଦୁର୍ଯ୍ୟୋଧନ ପାତ୍ର)

ମାଲକାନଗିରି ଜିଲା କାଲିମେଳା ବ୍ଲକ ଅନ୍ତର୍ଗତ ଏମ୍‌ଭି ୮୦ ଓ ବନ୍ଧଗୁଡା ଗ୍ରାମ ମଧ୍ୟରେ ଥିବା ଶ୍ମଶାନ ଜାଗାକୁ ନେଇ ବିବାଦ ସୃଷ୍ଟି ହୋଇଛି। ଏମ୍‌ଭି ୮୦ ଗ୍ରାମର ତାପସ ବୈରାଗୀ ନାମକ ଜଣେ ବ୍ୟକ୍ତି ଦୀର୍ଘ ଦିନ ଧରି ଶ୍ମଶାନ ନିକଟ ଜାଗାକୁ ଚାଷ କରିବା ସହ ତାରବାଡରେ ଘେରି ରଖିଥିବାରୁ ଶ୍ମଶାନକୁ ଯିବାକୁ ବାଟ ନାହିଁ। ଏହି ଜାଗାକୁ ଜବରଦଖଲ କରାଯାଇଥିବା ବେଳେ ଅନ୍ୟ ଜଣେ ଲୋକ ଶ୍ମଶାନ ଜାଗାକୁ ଚାଷ କରୁଥିବା ଜଣାପଡିଛି। ବନ୍ଧଗୁଡା ଗ୍ରାମବାସୀ ଏହାର ପ୍ରତିବାଦ କରିବାରୁ ତାଙ୍କୁ ଧମକ ଦେଉଛନ୍ତି। ଏମ୍‌ଭି ୮୦ ଗ୍ରାମର ତାପସ ବୈରାଗୀ ଓ ଲକ୍ଷ୍ମୀପୁର ଗ୍ରାମର ମଙ୍ଗଳା ଉକ୍ତ ଜାଗାକୁ ହଡପ କରିବାକୁ ବସିଥିବା ବେଳେ ବର୍ତ୍ତମାନ ବନ୍ଧଗୁଡା ଗ୍ରାମବାସୀ ସେହି ଶ୍ମଶାନ ଜାଗାପାଇଁ ବହୁତ ଥର ପ୍ରଶାସନକୁ ଗୁହାରି କରି ଆସିଛନ୍ତି।


ଶ୍ମଶାନ ଜମିରେ ବନ୍ଧଗୁଡା ଗ୍ରାମବାସୀ ।

ଏହା ସହ ୧୦ ବର୍ଷ ଧରି ଏହି ଜାଗା ପାଇଁ ଜିଲା ପ୍ରଶାସନଠାରୁ ଆରମ୍ଭ କରି ସମସ୍ତ ପ୍ରଶାସନିକ ଅଧିକାରୀଙ୍କୁ ଜଣାଇବା ସତ୍ତ୍ୱେ ଆଜି ପର୍ଯ୍ୟନ୍ତ କୌଣସି କାର୍ଯ୍ୟାନୁଷ୍ଠାନ ନିଆଯାଇ ନାହିଁ। କିଛିଦିନ ପୂର୍ବେ ବନ୍ଧଗୁଡା ଗ୍ରାମର ଜଣେ ବୃଦ୍ଧଙ୍କର ମୃତ୍ୟୁ ଘଟିଥିବା ବେଳେ ଶ୍ମଶାନକୁ ଯିବା ପାଇଁ ବହୁତ ବିବାଦ ସହ କଷ୍ଟରେ ସେଠାକୁ ଯିବାକୁ ପଡିଥିଲା। ଆଗାମୀ ଦିନରେ ଯଦି ଏହାର କୌଣସି ସମାଧାନ ନ ହୁଏ ତେବେ ଗ୍ରାମବାସୀ ରାଜରାସ୍ତାକୁ ଓହ୍ଲାଇବେ ବୋଲି କହିଛନ୍ତି।

ଏ ସମ୍ପର୍କରେ କାଲିମେଳା ତହସିଲଦାର ଚଇନୁ ଗଣ୍ଡଙ୍କୁ ପଚାରିବାରୁ ଏମ୍‌ଭି ୮୦ ଓ ବନ୍ଧଗୁଡା ମଧ୍ୟରେ ଥିବା ଶ୍ମଶାନ ବିବାଦ ବିଷୟରେ ଖବର ପାଇଛି। ୨ ଜଣ ବ୍ୟକ୍ତି ଏହାକୁ ଦଖଲ କରି ତାରବାଡ ବାନ୍ଧିଛନ୍ତି। ସେଠାକୁ ରାଜସ୍ୱ ନିରୀକ୍ଷକ ଏବଂ ଅଧିକାରଙ୍କୁ ପଠାଇ ଏହାର ତଦନ୍ତ ଅତିଶୀଘ୍ର କରାଯିବ। ତଦନ୍ତ ପରେ ଏହାର ସମାଧାନ କରାଯିବ ବୋଲି ସେ କହିଛନ୍ତି ।

## ସଂକ୍ଷେପରେ

### ପାଣିରେ ବୁଡ଼ି ଯୁବକ ମୃତ

ରାଇଘର ୨୪।୭(କିରଣ ପଟ୍ଟନାୟକ) ପାଣିରେ ବୁଡ଼ି ରାଇଘର ଥାନା ଅଧୀନରେ ଗଞ୍ଜାପାରା ପଞ୍ଚାୟତ ହାତୀବେନା ଗ୍ରାମର ଜଣେ ଯୁବକଙ୍କ ମୃତ୍ୟୁ ହୋଇଛି। ସେ ହେଲେ ସୁବ୍ରନ ଗଣ୍ଡ (୨୨)। ପ୍ରକାଶ ଯେ, ସେ ରବିବାର ଦିନ ପ୍ରାୟ ଗୋଟାଏ ବେଳେ ଘରୁ ବାହାରିଥିଲେ। ବହୁ ସମୟ ଧରି ଘରକୁ ନ ଆସିବାରୁ ପରିବାର ଲୋକ ଖୋଜିବା ଆରମ୍ଭ କରିଥିଲେ। ସନ୍ଧ୍ୟା ପ୍ରାୟ ୫ଟାରେ ଘରରୁ ଏକ କିଲୋମିଟର ଦୂର ଚାଷ ଜମିରେ ଥିବା ଚୁଆରେ ସୁବ୍ରନ ବୁଡି ଯାଇଥିବା ପରିବାର ଲୋକେ ଜାଣିବାକୁ ପାଇଥିଲେ। ଏହାପରେ ସୁବ୍ରନଙ୍କ ଭାଇ ଲମ୍ବୁ ଗଣ୍ଡ ରାଇଘର ଥାନାରେ ଲିଖିତ ଅଭିଯୋଗ କରିଥିଲେ। ପୋଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତ କରିବ ବ୍ୟବଚ୍ଛେଦ କରାଇ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। ପୋଲିସ କେସ୍ ନଂ. ୪୭/୨୩ରେ ଅପମୃତ୍ୟୁ ମାମଲା ରୁଜୁ କରି ତଦନ୍ତ ଚଳାଇଛି।

### ଛାତ୍ରୀଛାତ୍ରଙ୍କୁ ପୋଷାକ ବଣ୍ଟନ



କୋଡ଼ିଙ୍ଗା, ୨୪।୭(ସମରେନ୍ଦ୍ର ପଟ୍ଟନାୟକ) କୋଷାଗୁମୁଡା ବ୍ଲକ କୋଡ଼ିଙ୍ଗା ସରକାରୀ ନୋଡାଲ ୫-ଟି ଉଚ୍ଚ ବିଦ୍ୟାଳୟରେ ସୋମବାର ପୋଷାକ ବିତରଣୀ ଉତ୍ସବ ପାଳିତ ହୋଇଛି। ଉକ୍ତ ଉତ୍ସବରେ କୋଡ଼ିଙ୍ଗା ସରପଞ୍ଚ ସେବିକା ମାଝି ମୁଖ୍ୟ ଅତିଥିଭାବେ, ସମ୍ମାନିତ ଅତିଥିଭାବେ ସମିତି ସଭ୍ୟ କେମରାଜ ଦିଶାରୀ, ସିଆରସିସି ବାବୁଲାଲ ବାରିକ ପୋଷାକ ବିତରଣୀ କରିଥିଲେ। କାର୍ଯ୍ୟକ୍ରମରେ ପ୍ରଧାନଶିକ୍ଷକ ପରିଚାଳନା କରିଥିଲେ। ସ୍କୁଲ ପରିଚାଳନା କମିଟି ଏହାର ତଦାରଖ କରିଛି।

### ନଦୀରୁ ମିଳିଲା ନିଖୋଜ ଯୁବକଙ୍କ ମୃତଦେହ

କୋଡିଙ୍ଗା,୨୪।୭(ସମରେନ୍ଦ୍ର ପଟ୍ଟନାୟକ) ୨୧ ତାରିଖରେ ଭାସ୍କେଲ ନଦୀରେ ଭାସିଯାଇ ନିଖୋଜ ଥିବା ବାଲେଗାଁ ପଞ୍ଚାୟତ ଲାଣ୍ଡୁଗୁଡା ଗ୍ରାମର ରଇନୁ ମାଝି (୩୦)ଙ୍କ ମୃତଦେହ ସୋମବାର ମିଳିଛି। ସକାଳେ ବାଲେଙ୍ଗା ଗ୍ରାମବାସୀ ମୃତଦେହ ପାଣିରେ ଭାସୁଥିବା ଦେଖି ରଇନୁଙ୍କ ପରିବାରକୁ ଖବର ଦେଇଥିଲେ। ମୃତକଙ୍କ ସନାଧର ମାଝି କୋଡିଙ୍ଗା ଥାନାରେ ଲିଖିତ ଅଭିଯୋଗ କରିଥିଲେ। କୋଡିଙ୍ଗା ପୋଲିସ ଏକ ଅପମୃତ୍ୟୁ ମାମଲା ରୁଜୁ କରି ମୃତଦେହ ଜବତ କରିଥିବା ଜଣାପଡିଛି। ସୂଚନାନୁଯାୟୀ, ଶୁକ୍ରବାର ଲାଣ୍ଡୁଗୁଡ଼ା ଗ୍ରାମର ରଇନୁ କୌଣସି କାମରେ ଜଟିଆଗୁଡା ଓ ଏକୋରି ଗ୍ରାମକୁ ଯାଇଥିଲେ। କାମ ସାରି ଅପରାହ୍ନ ପ୍ରାୟ ୨ଟାରେ ସେ ଘରକୁ ଫେରୁଥିଲେ। ଶୀଘ୍ର ଘରେ ପହଞ୍ଚିବା ପାଇଁ ଏକୋରି ପୋଲ ବଦଳରେ ଭାସ୍କେଲ ନଦୀ ପାର ହେଉଥିଲେ। ଏହି ସମୟରେ ରଇନୁ ନଦୀରେ ଭାସି ଯାଇଥିଲେ। ନଦୀ ନିକଟରେ ଥିବା ସ୍ଥାନୀୟ କିଛି ଲୋକ ରଇନୁ ଭାସି ଯାଉଥିବା ଦେଖିଥିଲେ ହେଁ ଉଦ୍ଧାର କରିବା ପାଇଁ ସାହସ କରିପାରିନଥିଲେ। ଖବର ପାଇ ପରିବାର ଲୋକ ଓ କୋଷାଗୁମୁଡା ଅଗ୍ନିଶମ ବିଭାଗ ଘଟଣାସ୍ଥଳରେ ପହଞ୍ଚି ବହୁ ଖୋଜାଖୋଜି କରିଥିଲେ ମଧ ରଇନୁଙ୍କ ସନ୍ଧାନ ମିଳିପାରିନଥିଲା।

# ସ୍କୁଲ ଫାଟକରେ ତାଲା ପକାଇ ଗ୍ରାମବାସୀଙ୍କ ଧାରଣା

ଡାବୁଗାଁ, ୨୪।୭ (ପ୍ରଜ୍ଞାରଞ୍ଜନ ପରିଡ଼ା)



ଧାରଣାରେ ସାମିଲ ହୋଇଥିବା ଗ୍ରାମବାସୀ ଓ ଛାତ୍ରୀଛାତ୍ର।

ନବରଙ୍ଗପୁର ଜିଲା ଡାବୁଗାଁ ବ୍ଲକ ଚଚରାଗୁଡ଼ା ପଞ୍ଚାୟତ ଅଧୀନ ବାଣୁଆଗୁଡ଼ାସ୍ଥିତ ସରକାରୀ ପ୍ରାଥମିକ ବିଦ୍ୟାଳୟକୁ ଗ୍ରାମବାସୀ ତାଲା ପକାଇ ଦେଇଛନ୍ତି। ସ୍କୁଲରେ ଥିବା ବିଭିନ୍ନ ସମସ୍ୟା ସମାଧାନ ଦାବିକରି ଗ୍ରାମବାସୀ ତାଲା ପକାଇବା ସହ ସ୍କୁଲ ଆଗରେ ଧାରଣା ଦେଇଥିଲେ। ଜିଲାପାଳ କମଲଲୋଚନ ମିଶ୍ର ଓ ଅନ୍ୟ ଅଧିକାରୀମାନେ ଘଟଣାସ୍ଥଳରେ ପହଞ୍ଚି ଗ୍ରାମବାସୀଙ୍କୁ ବୁଝାଶୁଝା କରିଥିଲେ। ଏଥିସହ ସମସ୍ୟା ସମାଧାନ ନେଇ ସେମାନେ ପ୍ରତିଶ୍ରୁତି ଦେବାପରେ ଗ୍ରାମବାସୀ ଧାରଣାରୁ ହଟିଥିଲେ।

ଉକ୍ତ ବିଦ୍ୟାଳୟରେ ୧ମରୁ ୫ମ ଶ୍ରେଣୀ ପର୍ଯ୍ୟନ୍ତ ମୋଟ ୪୩ ଜଣ ଛାତ୍ରୀଛାତ୍ର ପାଠ ପଢୁଛନ୍ତି। ସରକାରଙ୍କ ନିୟମାନୁସାରେ ୨ଜଣ ଶିକ୍ଷକ ଶିକ୍ଷାଦାନ କରୁଛନ୍ତି । ବିଦ୍ୟାଳୟ ପରିପାର୍ଶ୍ୱିକ ଅବସ୍ଥା ଶୋଚନୀୟ ହୋଇପଡିଛି। ଏହାର ପ୍ରତିବାଦରେ ଗ୍ରାମବାସୀ ବିଦ୍ୟାଳୟରେ ତାଲା ପକାଇ ଫାଟକ ଆଗରେ ଧାରଣାରେ ବସିଥିଲେ। ପୁରୁଣା ଶ୍ରେଣୀ ଗୃହ ଅବସ୍ଥା ଶୋଚନୀୟ ହୋଇଥିବାରୁ ନୂତନ ଶ୍ରେଣୀ ଗୃହ ନିର୍ମାଣ, ରୋଷେଇ ଘରେ ବର୍ଷା ହେଲେ ପାଣି ଗାଳୁଛି ତାହାର ମରାମତି, ବିଦ୍ୟାଳୟକୁ ବିଦ୍ୟୁତ୍ ଯୋଗାଣ ଓ ସ୍କୁଲ ଚାରିପଟେ ପାଚେରି ନିର୍ମାଣ କରିବାକୁ ଗ୍ରାମବାସୀ ଦାବି କରିଛନ୍ତି। ଖବରପାଇ ଅତିରିକ୍ତ ବ୍ଲକ ଶିକ୍ଷାଧିକାରୀ ଭଗବାନ ମାଝି ଓ ଚଚରାଗୁଡ଼ା ସିଆର୍‌ସିସି ଗୁପ୍ତ ପ୍ରସାଦ ନାଗ ପହଞ୍ଚି ଲୋକମାନଙ୍କୁ ବୁଝାଶୁଝା କରିଥିଲେ। କିନ୍ତୁ ଗ୍ରାମବାସୀ ଧାରଣାରୁ ହଟି ନ ଥିଲେ। ବ୍ଲକ କାର୍ଯ୍ୟାଳୟରୁ ଜିଲାପାଳଙ୍କ ଅଭିଯୋଗ ଶୁଣାଣି କାର୍ଯ୍ୟକ୍ରମ ସରିବା ପରେ ଜିଲାପାଳଙ୍କ ଓ ଅନ୍ୟ ଅଧିକାରୀମାନେ କ୍ଷେତ୍ର ପରିଦର୍ଶନରେ ଯାଇଥିଲେ। ସ୍କୁଲ ଆଗରେ ଗ୍ରାମବାସୀଙ୍କ ଧାରଣା ଖବରପାଇ ଜିଲାପାଳ କମଲଲୋଚନ ମିଶ୍ର, ଜିଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ଅନ୍ୟା ଦାସ, ଡାବୁଗାଁ ବିଡିଓ ଶରତ ମାଝି, ଏବିଡିଓ ପଦ୍ମନାଭ ତ୍ରିପାଠୀ ପ୍ରମୁଖ ଘଟଣାସ୍ଥଳରେ ପହଞ୍ଚିଥିଲେ। ଖୁବ୍ ଶୀଘ୍ର ସମସ୍ୟାର ସମାଧାନ କରାଯିବ ବୋଲି ପ୍ରତିଶ୍ରୁତି ଦେବାପରେ ଗ୍ରାମବାସୀ ଧାରଣାରୁ ଉଠିଥିଲେ । ଏହି ଧାରଣାରେ ବିଦ୍ୟାଳୟ ପରିଚାଳନା କମିଟି ସଭାପତି ରଘୁନାଥ ମାଝି, ମଙ୍ଗଳଦି ମାଝି, ରଇନୁ ମାଝି, ଅସମାନ ନାୟକ, ଲକ୍ଷ୍ମଣ ମାଝି, ବନସିଂ ଭତ୍ରା, ଭାସ୍କର ହରିଜନ, ପଦମ ମାଝି, ଭାଗୀରଥୀ ମାଝି, ରାମ ମାଝି, କୁରୁବଲ ମାଝି, କୁଶ ଚଲାନ, ନୀଳ ମାଝି, ଦୁର୍ଯ୍ୟ ମାଝି ଓ ଗ୍ରାମବାସୀ ସାମିଲ ଥିଲେ।

# ବିଶ୍ୱ ଆଦିବାସୀ ଦିବସ ପାଳନ ନେଇ ପ୍ରସ୍ତୁତି

ଚନ୍ଦାହାଣ୍ଡି,୨୪।୭(ଦିଲୀପ ଦାସ )

ଚନ୍ଦାହାଣ୍ଡିସ୍ଥିତ ଏକ କଲ୍ୟାଣ ମଣ୍ଡପରେ ଚନ୍ଦାହାଣ୍ଡି ବ୍ଲକର ଆଦିବାସୀ ସମ୍ପ୍ରଦାୟ ପକ୍ଷରୁ ବିଶ୍ୱ ଆଦିବାସୀ ଦିବସ ପାଳନ ନେଇ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ପୂର୍ବତନ ଜିଲା ପରିଷଦ ସଭ୍ୟ ସନିନ୍ଦ୍ର ସୋରି ସଭାପତିତ୍ୱ କରିଥିଲେ। ଅନ୍ୟତମ ଅତିଥି ଭାବେ ପୂର୍ବତନ ସରପଞ୍ଚ ଦଶରଥ ଧୁରୁଆ, ସମ୍ମାନିତ ଅତିଥି ରୂପେ ଲଛମନ ମାଝି, ଟେକରାମ ମାଝି, ନିରୁପମା ଧୁରୁଆ, ଗୌରୀ ନେଗୀ, ଶରତ ଚନ୍ଦ୍ର ମାଝି,ଗୋଣ୍ଡ ସମାଜର ବ୍ଲକ ସମ୍ପାଦକ ଖମ୍ଭେଶ୍ୱର ମାଝି ଉପସ୍ଥିତ ରହି ବିଶ୍ୱ ଆଦିବାସୀ ଦିବସ ପାଳନ ସମ୍ପର୍କରେ ଆଲୋଚନା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ କୃଷ ପୂଜାରୀ, ବସନ୍ତ ଧୁରୁଆ, ସନ୍ତୋଷ ପୂଜାରୀ, ରାଜକୁମାର ପୂଜାରୀ, ଲିଙ୍ଗରାଜ ପୂଜାରୀ, ସନ୍ତୋଷ ନାୟକ, ବ୍ରଜ ନାୟକ, ବୃନ୍ଦାବତୀ ମାଝି, ରେଣୁଧର ପୂଜାରୀ, ଅଭୟ ନାୟକ, ଲକ୍ଷ୍ମୀନାରାୟଣ ପୂଜାରୀ,ଶ୍ୟାମସୁନ୍ଦର ମାଝି, ଅକ୍ଷୟ ଧୁରୁଆଙ୍କ ସମେତ ଅନ୍ୟମାନେ ଉପସ୍ଥିତ ଥିଲେ। ମୁରଲୀଧର ପୂଜାରୀ ଧନ୍ୟବାଦ ଦେଇଥିଲେ।

# ଉପଜିଲାପାଳଙ୍କ କାର୍ଯ୍ୟାଳୟ ପାଚେରି ଭୁଶୁଡ଼ି ଜଣେ ଆହତ



ନବରଙ୍ଗପୁର,୨୪।୭(ସଦାଶିବ ପ୍ରହରାଜ)

**ଭଙ୍ଗା କାନ୍ଥ ତଳେ ଚାପିହୋଇଗଲା ୨ ବାଇକ୍**

ନବରଙ୍ଗପୁର ଉପଜିଲାପାଳ କାର୍ଯ୍ୟାଳୟର ପାଚେରି ସୋମବାର ଭୁଶୁଡ଼ି ପଡ଼ିଛି। ଏଥିରେ ଜଣେ ଯୁବକ ଆହତ ହୋଇଛନ୍ତି। ସେ ହେଲେ ଆଇନଜୀବୀ ଦିଲୀପ ବେହେରା। ତାଙ୍କୁ ନବରଙ୍ଗପୁର ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଛି। ପାଚେରି ନିକଟରେ ରଖାଯାଇଥିବା ୩ଟି ବାଇକ୍ ମଧ୍ୟରୁ ୨ଟି ଭଙ୍ଗା କାନ୍ଥ ତଳେ ଚାପିହୋଇ ରହିଛି।

ସୂଚନାନୁଯାୟୀ, ପ୍ରତିବର୍ଷ ରାସ୍ତା ଓ ଗୃହ ନିର୍ମାଣ ବିଭାଗ ପକ୍ଷରୁ ଉପଜିଲାପାଳଙ୍କ କାର୍ଯ୍ୟାଳୟରେ ଲକ୍ଷାଧିକ ଟଙ୍କା ବ୍ୟୟ କରାଯାଇ ମରାମତି ହେଉଛି। ଏବେ ଯେଉଁ କାନ୍ଥ ଭାଙ୍ଗିଛି ତାହା ମାତ୍ର ୪ ଇଞ୍ଚ ଥିଲା। ପାଖକୁ ଲାଗି ରହିଥିବା ସାଇକେଲ ଷ୍ଟାଣ୍ଡ କାନ୍ଥ ଓ ମୁଖ୍ୟ ଫାଟକର ୨କଡ଼ କାନ୍ଥ ମଧ ଭୁଶୁଡିବା ଅବସ୍ଥାରେ ରହିଛି। ଉପଜିଲାପାଳ କାର୍ଯ୍ୟାଳୟ ସମ୍ମୁଖରେ ଅନେକ ବାଇକ, କାର୍ ପାର୍କିଂ ହେବା ସହ ସବୁବେଳେ ଗହଳି ରୁହେ। ଉକ୍ତ କାର୍ଯ୍ୟାଳୟର କାନ୍ଥ କଡ଼ ଦେଇ ଏଲ୍‌ଆଇସି କଲୋନି ରାସ୍ତା ରହିଛି। ତେଣୁ ଉପଜିଲାପାଳଙ୍କ କାର୍ଯ୍ୟାଳୟ କାନ୍ଥ ନୂତନ ଭାବେ ନିର୍ମାଣ କରାଯାଉ। ରାସ୍ତା ଓ ଗୃହ ନିର୍ମାଣ ବିଭାଗ ମରାମତି ନାମରେ ପ୍ରତିବର୍ଷ ଯେଉଁ ଲକ୍ଷାଧିକ ଟଙ୍କା ଖର୍ଚ୍ଚ କରୁଛନ୍ତି ତାହାର ଠିକ୍ ଉପଯୋଗକରି ମଜଭୁତ କାମ କରନ୍ତୁ ବୋଲି ଆଇନଜୀବୀ ଦିଲୀପ ବେହେରା ଦାବି କରିଛନ୍ତି।

# ଲୁଚିଛପି ଚତୁରତା ସହ ଗଞ୍ଜେଇ ଚାଷ

ନବରଙ୍ଗପୁର,୨୪।୭(ସଦାଶିବ ପ୍ରହରାଜ)

ଧାନଚାଷ ପରିବର୍ତ୍ତେ ଅଣ ଧାନ ଚାଷରେ ଅଧିକ ଲାଭ। ତେଣୁ ବେଆଇନ ହୋଇଥିଲେ ମଧ ଲୋକେ ଲୁଚିଛପି ଗଞ୍ଜେଇ ଚାଷ କରୁଛନ୍ତି। ପୋଲିସ ଓ ଅବକାରୀ ବିଭାଗ କିଭଳି ତାହା ଜାଣିପାରିବେ ନାହିଁ ସେନେଇ ଚତୁରତା ଅବଲମ୍ବନ କରୁଛନ୍ତି । ଏହିଭଳି ଏକ ଦୃଶ୍ୟ ଦେଖିବାକୁ ମିଳିଛି ତେନ୍ତୁଳିଖୁଣ୍ଟି ବ୍ଲକ କଂଗ୍ରା ପଞ୍ଚାୟତ ଯାନିଗୁଡ଼ା ଗାଁରେ।

ଯାନିଗୁଡାରୁ ଦୁଖୁଗୁଡା ଯିବା ଛକରେ ଜଣେ ଲୋକ ଜମିରେ ଗଞ୍ଜେଇ ଗଛ ଗୁଡିକ ରହିଛି। ସେ ପାକଳ ଗଛକୁ ମଶାରି ଢାଙ୍କି ରଖିଛନ୍ତି। ତାହାର ଆଖପାଖରେ ଅନେକ ଗଞ୍ଜେଇ ଗଛ ରହିଛି। ଏକକାଳୀନ ଗୋଟିଏ ସ୍ଥାନରେ ଚାଷକଲେ ଲୋକେ ଜାଣିବା ଆଶଙ୍କା ଥିବାରୁ କ୍ଷେତ ପ୍ରସ୍ତୁତ କରି କିଛି ମକା, ବିନ୍ସ ଓ ସାରୁ ଗଛ ସହ କିଛି କିଛି ବ୍ୟବଧାନରେ ଗଞ୍ଜେଇ ଗଛ ଲଗାଇଛନ୍ତି। ନିକଟରେ ଏକ ମାଂସଦୋକାନ ରହିଛି। ତାହାକୁ ଲାଗି ଏକ କଚାରାସ୍ତା ମଧ ଅଛି। ରାସ୍ତା ଦୁଇପାଖ ବଡ଼ ବଡ଼ କଣ୍ଟାବାଡ଼ ଓ ଡଙ୍କଯୁକ୍ତ ବୁଦା ଗଛ ରହିଛି। ଯେମିତି ସ୍ଥାନରେ ଲାଗିଛି ତାହାକୁ କେହି ହଠାତ୍ ନଜର ପକାଇପାରିବେ ନାହିଁ। ଚାଷଜମିର ବିଭିନ୍ନ ସ୍ଥାନରେ ଗଞ୍ଜେଇ ଗଛ ରହିଥିବାରୁ କେହି ବି ଦେଖିଲେ ଗଞ୍ଜେଇ ଟାଣି ତାହାର ମଞ୍ଜି ପଡ଼ିଯାଇଛି ଆଉ ଗଛ ଉଠିଛି ବୋଲି ଭ୍ରମ ସୃଷ୍ଟି ହେବ। ଜମିର କିଛି କିଛି ବ୍ୟବଧାନରେ ଗଞ୍ଜେଇ ଗଛ ଲାଗିଛି । ସବୁତକ ଗଛ ଉପାଡି ଦେଲେ ତାହାର ମୂଲ୍ୟ ଲକ୍ଷାଧିକ ଟଙ୍କା ହେବ ବୋଲି ଆକଳନ କରାଯାଉଛି। ତେବେ ଲୋକଙ୍କ ମଧ୍ୟରେ ସଚେତନତା ଅଭାବ ନା ଜାଣିଶୁଣି ବ୍ୟବସାୟ ପାଇଁ ଚାଷ କରିଛନ୍ତି ତାହ ତଦନ୍ତ ସାପେକ୍ଷ ବୋଲି ବୁଦ୍ଧିଜୀବୀ ଦାବି କରିଛନ୍ତି।



# ଅଚିହ୍ନା ବ୍ୟକ୍ତିଙ୍କ ମୃତଦେହ ଜବତ

ଛତ୍ରପୁର,୨୪।୭(ସନ୍ତୋଷ ପାଢ଼ୀ)

ଛତ୍ରପୁର ଥାନା ଅନ୍ତର୍ଗତ ଚିକଲଖଣ୍ଡି ଗାଁ ନିକଟରେ ଏକ ଗଛରୁ ପୋଲିସ ଜଣେ ବ୍ୟକ୍ତିଙ୍କ ଝୁଲନ୍ତା ମୃତଦେହ ଜବତ କରିଛି। ମୃତକଙ୍କ ପରିଚୟ ମିଳି ନ ଥିବା ଆଇଆଇସି ସତ୍ୟ ରଞ୍ଜନ ପ୍ରଧାନ ସୂଚନା ଦେଇଛନ୍ତି। ମୃତଦେହଟି ପଚି ନଷ୍ଟ ହୋଇଯାଇଛି। ବ୍ୟକ୍ତି ଜଣକ ବେକରେ ଦଉଡି ବାନ୍ଧି ଗଛରେ ଝୁଲି ପଡ଼ିଥିବା ସନ୍ଦେହ କରାଯାଉଛି। ପୋଲିସ ସାଇଣ୍ଟିଫିକ ଟିମ ଓ ସନ୍ଧାନୀ କୁକୁର ନେଇ ତଦନ୍ତ କରାଯାଇଥିଲେ ମଧ କୌଣସି ସୁରାକ ମିଳିନି।

# ଗୋଦାମ ଗୃହରୁ ଗ୍ୟାସ୍ ଟାଙ୍କି ଚୋରି

କୋଷାଗୁମୁଡ଼ା, ୨୪।୭(ପ୍ରସାଦ ବିଷୋୟୀ)

ନବରଙ୍ଗପୁର ଜିଲା କୋଷାଗୁମୁଡା ସଦର ମହକୁମା ମାଝିଗୁଡ଼ାସ୍ଥିତ ଗ୍ୟାସ ଗୋଦାମରୁ ରବିବାର ବିଳମ୍ବିତ ରାତିରେ ଗ୍ୟାସ୍ ଟାଙ୍କି ଚୋରି ହୋଇଛି। ପ୍ରିୟା ଇଣ୍ଡେନ ଗ୍ୟାସ ଗୋଦାମ ତାଲା ଭାଙ୍ଗି ୬୬ଟି ଗ୍ୟାସ୍ ଭର୍ତ୍ତି ଟାଙ୍କି ଚୋରି ହୋଇଛି। ପାଖରେ ଥିବା କଲଭର୍ଟ ନିକଟରେ ୧୩ଟି ଟାଙ୍କି ଛାଡି ଦୁର୍ବୃତ୍ତମାନେ ଫେରାର ହୋଇଯାଇଛନ୍ତି। ଏନେଇ ପୋଲିସ ଖବରପାଇ ସୋମବାର ଗୋଦାମକୁ ଯାଇ ତଦନ୍ତ କରିଛି। ଘଟଣା ସ୍ଥଳରୁ ବଡ଼ ଶାବଳ ଓ ଏକ୍ସା ବ୍ଲେଡ ପୋଲିସ ଜବତ କରିଛି। ଏନେଇ କୋଷାଗୁମୁଡା ଥାନାରେ ମାଲିକ ଲିଖିତ ଅଭିଯୋଗ କରିଛନ୍ତି। ଥାନାରେ ଗୋଦାମ ଜଗୁଆଳୀକୁ ଅଟକ ରଖି ପଚରାଉଚରା ଚାଲିଛି। ଏ ନେଇ ପୋଲିସ ୧୧୪/୨୩ରେ ମାମଲା ରୁଜୁ କରିଛି।



ଦୁର୍ବୃତ୍ତମାନେ ଛାଡିଯାଇଥିବା ଗ୍ୟାସ୍ ଟାଙ୍କି

# ସ୍କୁଲ ପରିସରରେ ୩ ଭାଲୁ

ନନ୍ଦାହାଣ୍ଡି,୨୪।୭(ପ୍ରତୀପ କୁମାର ଦାଶ)



ନବରଙ୍ଗପୁର ଜିଲା ନନ୍ଦାହାଣ୍ଡି ବ୍ଲକସ୍ଥିତ ଦହଣା ସଦାଶିବ ହାଇସ୍କୁଲ ପରିସରରେ ମା’ ସହ ୨ଟି ଛୁଆ ଭାଲୁ ରହିଛନ୍ତି। ସ୍କୁଲ ଭିତରେ ଥିବା ଦୁଇ ପାଇଖାନା ମଝିରେ ଭାଲୁ ୩ଟି ରହୁଥିବାବେଳେ ସେମାନେ ବେଳେବେଳେ ବାହାରକୁ ଆସୁଛନ୍ତି। ତେଣୁ କୌଣସି ଅପ୍ରୀତିକର ପରିସ୍ଥିତି ଏଡ଼ାଇବାକୁ ସୋମବାର ସ୍କୁଲକୁ ଅଧାରୁ ବନ୍ଦ କରିଦିଆଯାଇଛି। ବନ ବିଭାଗ କର୍ମଚାରୀ ଘଟଣାସ୍ଥଳରେ ନିୟୋଜିତ ଅଛନ୍ତି।

ସୋମବାର ସକାଳେ ସ୍କୁଲ ଜଗୁଆଳିମାନେ ବିଦ୍ୟାଳୟରେ ୬ଟି ଭାଲୁ ଥିବା ସୂଚନା ଦେଇଥିଲେ। ସ୍କୁଲ କମିଟି ସଭାପତି ପରେଶ ଚନ୍ଦ୍ର ଦାଶ ବନ ବିଭାଗକୁ ଘଟଣା ସମ୍ପର୍କରେ ଅବଗତ କରିଥିଲେ। ଏହାପରେ ବନପାଳ, ବନରକ୍ଷୀ ଏବଂ ବନ ବିଭାଗ କର୍ମଚାରୀମାନେ ଘଟଣାସ୍ଥଳରେ ପହଞ୍ଚି ଭାଲୁର ସ୍ଥିତି ଅନୁଧ୍ୟାନ କରିବା ସହ ସ୍କୁଲ ଛାତ୍ରୀଛାତ୍ରଙ୍କ ସୁରକ୍ଷା ବ୍ୟବସ୍ଥା ବୁଝିଥିଲେ। ଭାଲୁଗୁଡ଼ିକ ସ୍କୁଲ ଭିତରେ ଥିବା ଦୁଇ ପାଇଖାନା ମଝିରେ ଲୁଚି ରହୁଥିବାବେଳେ ମଝିରେ ମଝିରେ ବାହାରକୁ ଆସୁଛନ୍ତି। ସ୍କୁଲ ଭିତରେ ୩ଟି ଭାଲୁ ଥିବାବେଳେ ଅନ୍ୟ ଭାଲୁମାନେ ବାହାରକୁ ପଳାଇଥିବା ଅନୁମାନ କରାଯାଉଛି। ସୋମବାର ସ୍କୁଲରେ ଷଷ୍ଠରୁ ଦଶମ ଶ୍ରେଣୀ ପର୍ଯ୍ୟନ୍ତ ୨୦୦ରୁ ଊର୍ଦ୍ଧ୍ୱ ଛାତ୍ରୀଛାତ୍ର ଏବଂ ୧୬ ଶିକ୍ଷୟିତ୍ରୀ ଶିକ୍ଷକ ଓ କର୍ମଚାରୀ ଥିଲେ। ତେଣୁ ସୁରକ୍ଷା ଦୃଷ୍ଟିରୁ ଜିଲା ଶିକ୍ଷା ଅଧିକାରୀଙ୍କ ପରାମର୍ଶରେ ମଧ୍ୟାହ୍ନଭୋଜନ ପରେ ସ୍କୁଲକୁ ବନ୍ଦ କରାଯାଇଛି। ଘଟଣାସ୍ଥଳରେ ବନ ବିଭାଗ ଟିମ୍ ଉପସ୍ଥିତ ରହି ଭାଲୁର ଗତିବିଧି ଅନୁଧ୍ୟାନ କରୁଛନ୍ତି। ଆଖପାଖ ଅଞ୍ଚଳରେ ଜଙ୍ଗଲ କଟାଯିବା ଏବଂ ଭାଲୁମାନେ ଖାଦ୍ୟ ଅନୁସନ୍ଧାନରେ ଜନବସତି ମୁହାଁ ହେଉଛନ୍ତି। ବନ ବିଭାଗ କର୍ମଚାରୀଙ୍କୁ ମୁତୟନ କରାଯାଇଛି। ସେମାନେ ଭାଲୁକୁ ଘଉଡ଼ାଇବା ବ୍ୟବସ୍ଥା କରିବେ ବୋଲି ନବରଙ୍ଗପୁର ଏସିଏଫ୍‌ଓ ଧନଞ୍ଜୟ ମହାପାତ୍ର କହିଛନ୍ତି।

# ବିଡିଓଙ୍କୁ ସମିତି ସଭ୍ୟଙ୍କ ଦାବିପତ୍ର

ନନ୍ଦାହାଣ୍ଡି,୨୪।୭(ପ୍ରତୀପ ଦାଶ)

ପଞ୍ଚାୟତରେ ସରପଞ୍ଚ ଭଳି ସମିତି ସଭ୍ୟମାନେ ମଧ ନିର୍ବାଚିତ ହୁଅନ୍ତି। କିନ୍ତୁ କେବଳ ପଞ୍ଚାୟତ ସମିତି ଅଧ୍ୟକ୍ଷ ଚୟନ ପର୍ଯ୍ୟନ୍ତ ସେମାନଙ୍କ ଗୁରୁତ୍ୱ ଦିଆଯାଉଛି ବୋଲି ନବରଙ୍ଗପୁର ଜିଲା ନନ୍ଦାହାଣ୍ଡି ବ୍ଲକ ସମିତି ସଭ୍ୟମାନେ ଅଭିଯୋଗ କରିଛନ୍ତି। ପଞ୍ଚାୟତ ସମିତି ଉନ୍ନୟନମୂଳକ କାର୍ଯ୍ୟରେ ସେମାନଙ୍କର ମତାମତ ନିଆ ନ ଯିବାକୁ ନାପସନ୍ଦ କରିବା ସହ ବ୍ଲକସ୍ତରୀୟ କୌଣସି ସଭାରେ ଗୁରୁତ୍ୱ ଦିଆ ନ ଯିବା ବ୍ୟଥିତ କରିଛି ସମିତି ସଭ୍ୟମାନେ ଅଭିଯୋଗ କରି ବିଡିଓ କ୍ଷୀରୋଦ ଚନ୍ଦ୍ର ସାହୁଙ୍କୁ ରାଜ୍ୟପାଳଙ୍କ ଉଦ୍ଦେଶ୍ୟରେ ୧୦ ଦଫା ଦାବିପତ୍ର ପ୍ରଦାନ କରିଛନ୍ତି।

ପ୍ରତ୍ୟେକ କାର୍ଯ୍ୟକ୍ରମରେ ସେମାନଙ୍କ ଉପସ୍ଥିତି, ବ୍ଲକ ମଧ୍ୟରେ ସେମାନଙ୍କ ପାଇଁ ବସିବାକୁ ସ୍ୱତନ୍ତ୍ର ସ୍ଥାନ, ପ୍ରତ୍ୟେକ ସମିତି ସଭ୍ୟଙ୍କ ପାଇଁ ପଞ୍ଚାୟତ ଅଫିସ ଗୃହ, ସେମାନଙ୍କ ବାର୍ଷିକ ଅନୁଦାନ ୨୦ ଲକ୍ଷକୁ ବୃଦ୍ଧି , ସମିତି ସଭ୍ୟଙ୍କ ମାସିକ ଦରମା ୧୦ହଜାର ଟଙ୍କାକୁ ବୃଦ୍ଧି କରିବାକୁ ଦାବିପତ୍ରରେ ଉଲ୍ଲେଖ ରହିଛି। ଏଥିସହ ଏମ୍‌ଜିଏନ୍‌ଆର୍‌ଇଜିଏସ୍ କାର୍ଯ୍ୟରେ ସମିତି ସଭ୍ୟଙ୍କ କାଉଣ୍ଟର ଦସ୍ତଖତ, ପିଆରରୁ ଆସୁଥିବା ଉନ୍ନତି ମୂଳକ କାର୍ଯ୍ୟ ସମିତି ସଭ୍ୟଙ୍କ ଦ୍ୱାରା କରାଯିବା, ଗ୍ରାମ ସଭାରେ ପ୍ରକଳ୍ପ ଅନୁମୋଦନ ପାଇଁ ସମିତି ସଭ୍ୟଙ୍କ ଦସ୍ତଖତ, ସମିତି ସଭ୍ୟଙ୍କୁ ମିଳୁଥିବା ଅନୁଦାନ ସେମାନଙ୍କ ଇଚ୍ଛାରେ ଖର୍ଚ୍ଚ, ସରପଞ୍ଚଙ୍କ ଭଳି ସମସ୍ତ ପ୍ରମାଣପତ୍ରରେ ସମିତି ସଭ୍ୟାସଭ୍ୟଙ୍କର ସ୍ୱାକ୍ଷର ରହିବା ବ୍ୟବସ୍ଥା କରାଯିବାକୁ ଗୁରୁତ୍ୱ ପ୍ରଦାନ କରିବାକୁ ଦାବି କରାଯାଇଛି।



ବିଡିଓ ଦାବିପତ୍ର ଗ୍ରହଣ କରୁଛନ୍ତି।

# ଅଭିଯୋଗ ଶୁଣିଲେ, ସମାଧାନ ନିର୍ଦ୍ଦେଶ ଦେଲେ

ଡାବୁଗାଁ, ୨୪।୭ (ପ୍ରଜ୍ଞାରଞ୍ଜନ ପରିଡ଼ା)



ଜିଲାପାଳ, ଏସ୍‌ପି ଓ ଅନ୍ୟ ଅଧିକାରୀଙ୍କ ସହ ସହାୟତା ପାଇଥିବା ହିତାଧିକାରୀମାନେ।

ନବରଙ୍ଗପୁର ଜିଲା ଡାବୁଗାଁ ବ୍ଲକ କାର୍ଯ୍ୟାଳୟରେ ବ୍ଲକସ୍ତରୀୟ ଯୁଗ୍ମ ଅଭିଯୋଗ ଶୁଣାଣି କାର୍ଯ୍ୟକ୍ରମ ସୋମବାର ଅନୁଷ୍ଠିତ ହୋଇଛି। ନବରଙ୍ଗପୁର ଜିଲାପାଳ କମଲଲୋଚନ ମିଶ୍ର ୨୩ ଅଭିଯୋଗର ଶୁଣାଣିକରି ତାହାର ସମାଧାନ ନିମନ୍ତେ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। ୨୩ଟି ମଧ୍ୟରୁ ୧୩ଟି ବ୍ୟକ୍ତିଗତ ଓ ୧୦ଟି ଗୋଷ୍ଠୀଗତ ଅଭିଯୋଗ ରହିଛି।

ଡାବୁଗାଁସ୍ଥିତ ଶବ ବ୍ୟବଚ୍ଛେଦ ଗୃହ ଭଗ୍ନ ଅବସ୍ଥାରେ ଥିବାରୁ ଏହାର ମରାମତି, ଚିକିଲି ଗ୍ରାମକୁ ସଂଯୋଗ କରୁଥିବା ପୂର୍ତ୍ତ ବିଭାଗ ରାସ୍ତାର ମରାମତି, ମେଦନା ଗ୍ରାମସ୍ଥିତ ସରକାରୀ ଉଚ୍ଚ ବିଦ୍ୟାଳୟ ନୂତନ ଶ୍ରେଣୀଗୃହ ଓ ବାଳିକାଙ୍କ ପାଇଁ ଛାତ୍ରୀନିବାସ ନିର୍ମାଣ, ଡାବୁଗାଁ ନୂତନ ବସ୍‌ଷ୍ଟାଣ୍ଡରେ ଥିବା ଷ୍ଟଲଗୁଡିକୁ ଦୋକାନୀଙ୍କୁ ଦେବା , ଘୋଡ଼ାଖୁଣ୍ଟା ଉନ୍ନୀତ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ପାନୀୟଜଳ ଯୋଗାଣ ସୁବିଧା କରିବାକୁ ଦାବି ହୋଇଛି। ଏଥିସହ ଡାବୁଗାଁ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ମରାମତି ଓ ନୂତନ କଲ୍ୟାଣୀ ମଣ୍ଡପ ନିର୍ମାଣ, ମେଣ୍ଡ୍ରା ଗ୍ରାମ ନିକଟରେ ଚାଲିଥିବା ଭାରତମାଳା ପ୍ରକଳ୍ପରେ ରାସ୍ତାକାର୍ଯ୍ୟ ୩/୪ ମାସ ବନ୍ଦ କରିବାକୁ କୁହାଯାଇଛି। କେନ୍ଦୁପତ୍ର ବନାଞ୍ଚଳ କାର୍ଯ୍ୟାଳୟ ପଛପଟେ ଥିବା ଗଛ ପବନରେ ଭାଙ୍ଗି ସେଠାରେ ରହୁଥିବା ଲୋକଙ୍କ ଘର ଉପରେ ପଡି କ୍ଷତି କରୁଛି। ଉକ୍ତ ଗଛଗୁଡିକ କାଟିବା, ବିଦ୍ୟୁତ୍ ଯୋଗାଣ, ବିଜୁଗୁଡା ଗ୍ରାମ ରାସ୍ତା ମରାମତି ଓ ଗିର୍ଲିଗୁଡ଼ା ପ୍ରାଥମିକ ବିଦ୍ୟାଳୟର ଜମି ପଟ୍ଟା ପ୍ରଦାନ କରିବା ନେଇ ଜିଲାପାଳଙ୍କ ନିକଟରେ ଅଭିଯୋଗ ହୋଇଥିଲା।

ଏହି ଅବସରରେ ଜଣେ ଦିବ୍ୟାଙ୍ଗଙ୍କୁ ହୁଇଲ ଚେୟାର ଓ ୧୧ ଜଣ ମଧୁବାବୁ ପେନ୍‌ସନ ଯୋଜନା ହିତାଧିକାରୀଙ୍କୁ ଭତ୍ତା ପ୍ରଦାନ କରାଯାଇଛି। ଏହି ସମୟରେ ନବରଙ୍ଗପୁର ଏସ୍‌ପି ଏସ୍. ସୁଶ୍ରୀ, ଅତିରିକ୍ତ ଜିଲାପାଳ ଭାସ୍କର ରଇତୋ, ଜିଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ଅନ୍ୟା ଦାସ, ଉପଜିଲାପାଳ ଦୁର୍ଯ୍ୟୋଧନ ଭୋଇ, ଜିଲା ସାମାଜିକ ସୁରକ୍ଷା ଅଧିକାରୀ ସୁଧାଂଶୁ ପାତ୍ର, ସିଡିଏମ୍‌ଓ ଡା. ନୀଳମଣି ଦିଲ୍ଲୀପଚାନ୍ଦ ବେହେରା, ଜିଲା ପଞ୍ଚାୟତ ଅଧିକାରୀ ଶିଶିର ପାଣି, ଜିଲା ମଙ୍ଗଳ ଅଧିକାରୀ ପାଲକା ରବୀନ୍ଦ୍ର, ଡିଆଇପିଆର୍‌ଓ ହଳଧର ନିହାଲ, ଜିଲା ଯୋଗାଣ ଅଧିକାରୀ ସଞ୍ଜୀବ ସାହୁ, ଡିଇଓ ପ୍ରଦୀପ ନାଗ, ଡାବୁଗାଁ ବିଡିଓ ଶରତ ମାଝି, ତହସିଲଦାର କୃଷ୍ଣଚନ୍ଦ୍ର ଦାସ, ଡାବୁଗାଁ ବନାଞ୍ଚଳ ଅଧିକାରୀ ସେତୁରଞ୍ଜନୀ ଗମାଙ୍ଗ, ଏବିଡିଓ ପଦ୍ମନାଭ ତ୍ରିପାଠୀ, ପୂର୍ତ୍ତ

ବିଭାଗ କନିଷ୍ଠ ଯନ୍ତ୍ରୀ ହରେକୃଷ୍ଣ ରାଉତ, ବ୍ଲକ ପ୍ରାଣୀ ଚିକିତ୍ସାଧିକାରୀ ଶ୍ରୀନିଗୋ ମୁର୍ମୁ, ବ୍ଲକ ସାମାଜିକ ସୁରକ୍ଷା ଅଧିକାରୀ ଯତୀନ ପାଣିଗ୍ରାହୀ, ବନପାଳ ଉମାକାନ୍ତ ପଟ୍ଟନାୟକଙ୍କ ସମେତ ବିଭିନ୍ନ ବିଭାଗୀୟ ଅଧିକାରୀ ଉପସ୍ଥିତ ଥିଲେ।

